* PRGI No. 52632/1994
* I&PR No. - PR/OD/25/736
* DAVP No.- 0212F17120-007

ବିଜ୍ଞାପନ ପାଇଁ ଯୋଗାଯୋଗ କରନ୍ତୁ
7978365958
@masihanews
@masihanews
@masihanews

ମସିହା
MASIHA
ଦୈନିକ ଖବର କାଗଜ



ଶନିବାର ୧୪ ମାର୍ଚ୍ଚ ୨୦୨୬ | ● ବର୍ଷ -୦୧ | ● ଅଙ୍କ -୦୧ | ● ପୃଷ୍ଠା -୦୧ | ● ମୂଲ୍ୟ -୦୫/- | ● www.masiha.in

## ବନ୍ଦ ହେବ ନାହିଁ ହୋଟେଲ କି ରେସ୍ତୋରାଁ, ସରକାର ନେଲେ ବଡ଼ ନିଷ୍ପତ୍ତି



ଇରାନ ଓ ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ଯୁଦ୍ଧର ପ୍ରଭାବ ଏବେ ଭାରତର ରୋଷେଇ ଶାଳରେ ଅନୁଭୂତ ହେଉଛି। ଦେଶବ୍ୟାପୀ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ଘୋର ଅଭାବ ଦେଖାଦେଇଥିବା ବେଳେ, ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ବୈଠକରେ ବାଣିଜ୍ୟିକ ଏଲପିଜି ଯୋଗାଣର ବର୍ତ୍ତମାନର ସ୍ଥିତି ଏବଂ ହୋଟେଲ, ରେସ୍ତୋରାଁ ଏବଂ ପର୍ଯ୍ୟଟନ କ୍ଷେତ୍ର ଉପରେ ଏହି ପରିସ୍ଥିତିର ପ୍ରଭାବ ଉପରେ ଆଲୋଚନା ହୋଇଥିଲା।ପରିସ୍ଥିତି ପରିଚାଳନା ପାଇଁ, ସରକାର ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାରଠାରୁ, ବ୍ୟବସାୟଗୁଡ଼ିକୁ ସେମାନଙ୍କର ହାରାହାରି ମାସିକ ବାଣିଜ୍ୟିକ ଏଲପିଜି ଆବଶ୍ୟକତାର ପ୍ରାୟ ୨୦ ପ୍ରତିଶତ ସମତୁଲ୍ୟ ଏକ କୋଟା ବଣ୍ଟନ କରାଯିବ, ଯାହା ସୁନିଶ୍ଚିତ କରିବ ଯେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ରୋଷେଇ ଘରଗୁଡ଼ିକ କାର୍ଯ୍ୟ ଜାରି ରଖିପାରିବେ। ସରକାରଙ୍କ ଏହି ୨୦ ପ୍ରତିଶତ କୋଟା ବ୍ୟବସ୍ଥା ଦ୍ୱାରା ବଜାରରେ କୃତ୍ରିମ ଅଭାବ ଦୂର ହେବା ସହ ହୋଟେଲ ବ୍ୟବସାୟୀମାନେ ପୁଣି ସ୍ୱାଭାବିକ କାର୍ଯ୍ୟକ୍ଷମ ହୋଇପାରିବେ ବୋଲି ଆଶା କରାଯାଉଛି।ଏହା ବ୍ୟତୀତ, ହୋଟେଲ ଏବଂ ରେସ୍ତୋରାଁଗୁଡ଼ିକୁ ଅତିରିକ୍ତ ଗ୍ୟାସ ଯୋଗାଣ ଯୋଗାଇବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ସକ୍ରିୟ ଭାବରେ କାର୍ଯ୍ୟ କରାଯାଉଛି। ପେଟ୍ରୋଲିୟମ ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟ ଘନିଷ୍ଠ ଭାବରେ ସହଯୋଗ କରିବେ ଏବଂ ପରିସ୍ଥିତି ଉପରେ ନଜର ରଖିବା ଏବଂ ଉପୁଜିପାରୁଥିବା ଯେକୌଣସି ସମସ୍ୟାର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଶିଳ୍ପ ଅଂଶୀଦାରମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିବେ।

## ଚତୁର୍ଥୀ ଦିନ ବାପାଙ୍କ ସହିତ ଶାଶୁଘରୁ ପଳାଇଲା କନିଆଁ - ଥାନାରେ ଏତଲା



ବାହାଘର ପରେ ଆଜି ଶୁକ୍ରବାର ଥିଲା ଚତୁର୍ଥୀ। ଏଥିପାଇଁ ବରଘର ପକ୍ଷରୁ ଧୁମଧାମରେ ସାଜସଜ୍ଜା ସହିତ ଭୋଜିଭାତର ଆୟୋଜନ ଆରମ୍ଭ ହୋଇଥିଲା। ହେଲେ ଚତୁର୍ଥୀ କର୍ମ ପୂର୍ବରୁ ମା' ର ଦେହ ଖରାପ ଥିବା ଦର୍ଶାଇ ଝିଅର ବାପା ଚଞ୍ଚକତା କରି ଶାଶୁ ଘରୁ ଝିଅକୁ ନେଇ ଯାଇଥିବା ଅଭିଯୋଗ ହୋଇଛି।ଯାହାକି ସମଗ୍ର ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଛି। ଘଟଣାକ୍ରମ ଏଇଆ ଯେ କିଶନନଗର ଥାନା ମାଣପୁର ଗ୍ରାମର କାଳିଆ ଓରଫ କୈଳାସ ଭୋଇ ଗତ ଚାରି ଦିନ ତଳେ ବୈୟାଳିସମୌ।ଜା ବେଣ୍ଟକାର ଥାନା ଆଇତଳଙ୍ଗ ଗ୍ରାମର ବନ୍ଦନା ଦାସଙ୍କୁ ବୈଦିକ ରୀତି ନୀତିରେ ବିବାହ କରିଥିଲେ।ହେଲେ ଆଜି ଚତୁର୍ଥୀ କର୍ମ ପୂର୍ବରୁ ବାପା ଆସି କାହିଁକି ଚଞ୍ଚକତା କରି ଝିଅକୁ ନେଇଗଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ପୋଲିସ ଘଟଣାକ୍ରମ ଜାଣିବା ପାଇଁ ଝିଅ ଘରକୁ ଯାଇଥିବା ବେଳେ ପୁଅ ଘର ପକ୍ଷରୁ ପୁଅକୁ ଅନ୍ୟତ୍ର ବିବାହ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି।

## ଭୋଟର ତାଲିକାରୁ କଟିଲା ୬୩ ଲକ୍ଷ ନାଁ ଦୋହଲି ଯିବ କି ଦିଦିଙ୍କ ଆସନ !



ପଶ୍ଚିମବଙ୍ଗ ରାଜନୀତିରେ ଏବେ ହଲଚଲ । ୨୦୧୧ ମସିହାରେ ବାମପନ୍ଥୀଙ୍କ ଲମ୍ବା ଶାସନକୁ ମୂଳପୋଛ କରି କ୍ଷମତାକୁ ଆସିଥିବା ମମତା ବାନାର୍ଜୀଙ୍କ ପାଇଁ ୨୦୨୬ ବିଧାନସଭା ନିର୍ବାଚନ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବାକୁ ଯାଉଛି । ଗୋଟେ ପଟେ ଦିଦିଙ୍କ ଦଶନ୍ଧିରୁ ଅଧିକ ସମୟର ଦବଦବା, ଅନ୍ୟପଟେ କାୟା ବିସ୍ତାର କରୁଥିବା ଭାରତୀୟ ଜନତା ପାର୍ଟି । ଇତିହାସକୁ ଦେଖିଲେ, ୨୦୧୬ରେ ଟିଏମସି ୨୧୧ଟି ଆସନ ଜିତି ଏକପାଖିଆ ବିଜୟ ହାସଲ କରିଥିଲା। କିନ୍ତୁ ୨୦୨୧ରେ ଚିତ୍ର ବଦଳିଲା। ବିଜେପି ମାତ୍ର ୩ଟି ଆସନରୁ ଲମ୍ଫ ମାରି ୭୭ଟି ଆସନରେ ପହଞ୍ଚିଗଲା। ଯଦିଓ ୨୧୩ଟି ସିଟ୍ ସହ ମମତା ସରକାର ଗଢ଼ିବାରେ ସଫଳ ହେଲେ, କିନ୍ତୁ ଜଙ୍ଗଲମହଲ ଏବଂ ଉତ୍ତର ବଙ୍ଗଳାରେ ବିଜେପିର ଶକ୍ତି ବୃଦ୍ଧି ଟିଏମସି ପାଇଁ ଚିନ୍ତାର କାରଣ ପାଲଟିଲା ।ତେବେ ୨୦୨୬ ପୂର୍ବରୁ ସବୁଠାରୁ ବଡ଼ ଖବର ହେଉଛି ଭୋଟର ତାଲିକାରେ ହୋଇଥିବା ବଡ଼ ଧରଣର ପରିବର୍ତ୍ତନ। ସ୍ୱତନ୍ତ୍ର ସଂଶୋଧନ, SIR ପରେ ପ୍ରାୟ ୬୩ ଲକ୍ଷରୁ ଅଧିକ ନାଁ ଭୋଟର ତାଲିକାରୁ କଟାଯାଇଛି। ମାଲଦା, ମୁର୍ଶିଦାବାଦ ଏବଂ ଉତ୍ତର ୨୪ ପ୍ରଗଣା ଭଳି ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ଏହାର ପ୍ରଭାବ ୧୦୦ରୁ ଅଧିକ ଆସନ ଉପରେ ପଡ଼ିପାରେ। ଏହି ପରିବର୍ତ୍ତନ ବିଜେପି ପାଇଁ ଫାଇଦା ଆଣିବ କି ଦିଦି ନିଜର ଗଡ଼ ରକ୍ଷା କରିବେ, ତାହା ଏବେ ବଡ଼ ପ୍ରଶ୍ନ ।ସାମାଜିକ କଲ୍ୟାଣକାରୀ ଯୋଜନା ବଳରେ ମମତା ମହିଳା ଓ ସଂଖ୍ୟାଲଘୁ ଭୋଟରଙ୍କୁ ଆକୃଷ୍ଟ କରୁଥିବା ବେଳେ, ବିରୋଧୀ ବିଜେପି ରାଜ୍ୟର ବିଗିଡ଼ିଥିବା ଆର୍ଥିକ ସ୍ଥିତି ଓ ଭ୍ରଷ୍ଟାଚାର ପ୍ରସଙ୍ଗକୁ ନେଇ ମଇଦାନକୁ ଓହ୍ଲାଇଛି । ବାମପନ୍ଥୀ ଏବଂ କଂଗ୍ରେସ ଏବେ ଧୀରେ ଧୀରେ ଦୃଶ୍ୟପଟରୁ ଦୂରେଇ ଯାଉଥିବା ବେଳେ ଲଢ଼େଇ ଏବେ ସମ୍ପୂର୍ଣ୍ଣ ରୂପେ ଦ୍ୱିମୁଖୀ ହୋଇଛି । ପଶ୍ଚିମବଙ୍ଗର ଏହି ହାଇ-ଭୋଲଟେଜ୍ ଲଢ଼େଇରେ କିଏ ମାରିବ ବାଜି ? ୨୦୨୬ ମସିହା ହିଁ ସ୍ପଷ୍ଟ କରିବ କି ବଙ୍ଗଳାବାସୀ 'ଦିଦି'ଙ୍କ ଉପରେ ପୁଣି ଭରସା କରୁଛନ୍ତି ନା ପରିବର୍ତ୍ତନର ନୂଆ ଲହର ଆସୁଛି ।

## ନୂଆଦିଲ୍ଲୀ ହେଲେ ଏହି ବଡ କାରଣରୁ ହେଇଗଲେ ଗରିବ


# କେବେ ବହୁତ ଧନୀ ଥିଲେ ଏହି ୯ ଟି ଦେଶ

କୌଣସି ବି ଦେଶକୁ ନିଜର ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ । ଏଥିରେ ବହୁତ ବର୍ଷର ସମୟ ବି ଲାଗିଥାଏ । କିନ୍ତୁ ଯଦି ଅବସ୍ଥା ଆପଣଙ୍କର ଅନୁରୂପ ନ ହୋଇଥାଏ ତେବେ ଏକ ଭଲ ସମୃଦ୍ଧ ଦେଶ ବି କମଜୋର ପଡିଯାଏ ।ଏମିତିରେ ଆସନ୍ତୁ ଏହି ୯ ଟି ଦେଶ ବିଷୟରେ ଜାଣିବା ଯେଉଁ ଦେଶମାନେ ପୂର୍ବେ ବହୁତ ଧନୀ ଥିଲେ କିନ୍ତୁ ବର୍ତ୍ତମାନ ବହୁତ ଗରିବ ହୋଇ ଯାଇଛନ୍ତି । କହିବାକୁ ଗଲେ ଏହି ଦେଶ ପୂରାପୂରି ଗରିବ ନୁହେଁ । କିନ୍ତୁ ଏହାର ଜୀଡୀପୀ ୱାର୍ଲ୍ଡ ଏବରେଜ ଠାରୁ ବହୁତ କମ ଅଟେ । ତଥାପି ଏହାର ଉତ୍ତରପୂର୍ବ ଓ ଦକ୍ଷିଣର ଅଞ୍ଚଳକୁ ଅଧିକ ଗରିବ କୁହାଯାଏ । ୧୬ ଓ ୧୭ ତମ ଶତାବ୍ଦୀର କଥା କହିଲେ ଥାଇଲ୍ୟାଣ୍ଡର ଅୟୁଥ୍ୟା ସାମ୍ରାଜ୍ୟ ଏକ ସମୟରେ ଇଣ୍ଟରନ୍ୟାସନାଲ ବିଜନେସର ମୁଖ୍ୟ କେନ୍ଦ୍ର ଥିଲା । ଏହାର ମୁଖ୍ୟ ବିଜନେସ ଚୀନ ଓ ଜାପାନ ସହ ହେଉଥିଲା ।କିନ୍ତୁ ୧୮ ତମ ଶତାବ୍ଦୀ ପରେ ଏହାର ଅର୍ଥବ୍ୟବସ୍ଥା ଖରାପ ହେବାକୁ ଲାଗିଲା । ୧୭୬୫ରେ ବର୍ମା ସେନାର ଆଟାକ କାରଣରୁ ଏହି ଦେଶ ବର୍ବାଦ ହୋଇଗଲା । ଏହା ବିଶ୍ୱର ସବୁଠୁ ଗରିବ ଦେଶ ସୁଚିରେ ଆସିଥାଏ । ଏଠିକାର ଲୋକମାନେ ନିଜର ଜୀବନ ଜାପାନ କରିବା ପାଇଁ ଚାଷ କରିଥାନ୍ତି । ଯେଉଁଥିରୁ ବହୁତ କଷ୍ଟରେ ଏମାନଙ୍କର ଜୀବିକା ଚାଲିଥାଏ । କିନ୍ତୁ ୧୦ ବର୍ଷ ପୂର୍ବେ ଏଠି ଏକ ବଡ ସାମ୍ରାଜ୍ୟ ଥିଲା । ଏଠି ୧୩୧୨ - ୧୩୧୭ରେ ମୁସା ନାମକ ଏକ ଶାସକର ରାଜ ଥିଲା ଯିଏକି ଦୁନିଆର ସବୁଠୁ ଧନୀ ବ୍ୟକ୍ତି ଥିଲା । ମାଲିରେ ସୁନା ତିଆରି କରାଯାଇ କେତେକ ଦେଶରେ ବିକ୍ରି କରାଯାଉଥିଲା । କିନ୍ତୁ ଏହା ପରେ ଏହାର ଅବସ୍ଥା ଧୀରେ ଧୀରେ ଖରାପ ହୋଇ ଚାଲିଲା ।



ଏହି ଦେଶ ଗରିବ ତ ନୁହେଁ କିନ୍ତୁ ଯୁରୋପିୟନ ଦେଶ ଗୁଡିକ କାରଣରୁ ଏହାର ଜୀଡୀପୀ କମ ଅଟେ । ୧୬ତମ ଶତାବ୍ଦୀର କଥା କହିଲେ ଏହି ଦେଶ ପଶ୍ଚିମ ଯୁରୋପ ଦେଶ ମାନଙ୍କ ମଧ୍ୟରେ ସବୁଠୁ ଅଧିକ ଧନୀ ଥିଲା । ପୁଣି ୧୭୦୦ରେ ଯୁରୋପ ଏହାକୁ ନିଜ ଅଧୀନରେ ନେଇଲା । ଏହା ପରେ ପ୍ରଥମ ବିଶ୍ୱ ଯୁଧ ପରେ ଏହି ଦେଶ କମଜୋର ପଡିଗଲା ।କୃଷି, ଟିମ୍ବର, ମାଂସ, କ୍ଷୀର ଓ ଲହୁଣୀ ଭଳି କାରୋବାର କାରଣରୁ ଏହି ଦେଶ ବହୁତ ଧନୀ ଥିଲା । କିନ୍ତୁ ଦ୍ୱିତୀୟ ବିଶ୍ୱ ଯୁଧ ପରେ ଏହାର ସ୍ଥିତି କମଜୋର ହୋଇଗଲା ।କମ୍ୟୁନିଷ୍ଟ ରାଜ ଓ ଆମେରିକୀ ବିଦେଶୀମାନଙ୍କ କାରଣରୁ ଏହାର ଅବସ୍ଥା କମଜୋର ହୋଇଯାଇଛି । ୧୯୫୯ରେ ଏହି ଦେଶ ଆମେରିକାର ସବୁଠୁ ଅଧିକ ଜୀଡୀପୀ ବାଲା ଦେଶ ଥିଲା । ଏଠି ଲୋକମାନଙ୍କ ପାଖରେ ସବୁଠୁ ଅଧିକ କାର ଓ ଟେଲୀଫୋନ ରହୁଥିଲା । କିନ୍ତୁ ପରେ ବଢୁଥିବା ଜୁଆ ଖେଳ, ଅପରାଧ, ଡ୍ରଗ୍ସ ଓ ବେଶ୍ୟାବୃତ୍ତି କାରଣରୁ ଏହି ଦେଶ କମଜୋର ହୋଇଗଲା ।୬୦ ଓ ୭୦ ଦଶକରେ ଇରାକର ସ୍ଥିତି ବିକଶିତ ଦେଶରେ ସାମିଲ ଥିଲା । ଏଠିକାର ତେଲ ଓ ଗ୍ୟାସର ଭଣ୍ଡାର ଏହାର ଜୀଡୀପୀକୁ ୧୯୫୦ରେ ଭଲ ରଖିଥିଲା । କିନ୍ତୁ ୧୯୭୯ରେ ସଦ୍ଦାମ ହୁସୈନଙ୍କ ସତ୍ତା ଆସିବା ପରେ ଓ ୮ ବର୍ଷ ପଡୋଶୀ ଦେଶ ଇରାନ ସହ ଯୁଧ କାରଣରୁ ଏହା ଅର୍ଥ ବ୍ୟବସ୍ଥା କମଜୋର ହୋଇଗଲା ।

## ଅଲି ଜାଫରି କିଏ ? ଇରାନ ଆକ୍ରମଣର ମାଷ୍ଟର ମାଇଣ୍ଡ



ଆମେରିକା-ଇସ୍ରାଏଲ ପକ୍ଷରୁ ଫେବ୍ରୁଆରି ୨୮ରେ ଇରାନ ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣରେ ଇରାନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ଆଇଆରଜିସିର ଅନେକ ଶୀର୍ଷ ଜେନେରାଲ ମଧ୍ୟ ପ୍ରାଣ ହରାଇଥିଲେ । ତେବେ ଏହି ଘଟଣା ୨୦୦୩ ମସିହାର ଇରାକ ଆକ୍ରମଣ ଘଟଣାକୁ ମନେ ପକାଇ ଦେଇଛି ।୨୦୦୩ରେ ଆମେରିକା ମାତ୍ର ଅଳ୍ପ ସମୟ ମଧ୍ୟରେ ସଦ୍ଦାମ ହୁସେନଙ୍କ ସୈନ୍ୟ ଢାଞ୍ଚାକୁ ପୂରା ନଷ୍ଟ କରିଦେଇଥିଲା । କିନ୍ତୁ ଆମେରିକା -ଇସ୍ରାଏଲ ମିଳିତ ଆକ୍ରମଣର ୧୪ ଦିନ ପରେ ବି ଇରାନ ଏହି ଯୁଦ୍ଧରେ ଅପରାଜେୟ ଭାବେ ମଧ୍ୟପ୍ରାଚ୍ୟ ଉପରେ ଭୟଙ୍କର ପାଲଟା ଆକ୍ରମଣ ଜାରି ରଖିଛି । ଇରାନର ଏହି ଆକ୍ରମଣ ଓ ଅଭୁତପୂର୍ବ ପ୍ରତିରକ୍ଷା ପଛରେ ଜଣେ ବ୍ୟକ୍ତିଙ୍କ ଦୂରଦର୍ଶୀ ଓ ବିରଳ ସୈନ ରଣନୀତି ରହିଛି ବୋଲି ଚର୍ଚ୍ଚା ହେଉଛି । ସେ ହେଉଛନ୍ତି ମେଜର ଜେନେରାଲ ମହମ୍ମଦ ଅଲି ଜାଫରି ।ଜେନେରାଲ ଜାଫ୍ରି ୨୦୦୩ ଇରାକ ଉପରେ ଆମେରିକା ଆକ୍ରମଣକୁ ଭଲ ଭାବେ ଅଧ୍ୟୟନ କରିଥିଲେ। ସେ ଦେଖିଥିଲେ ସଦ୍ଦାମ ହୁସେନଙ୍କ ବିନା ନିର୍ଦ୍ଦେଶରେ ଇରାକ ସେନା ପାଦେ ଆଗକୁ ଘୁଞ୍ଚୁ ନଥିଲେ । ବାଗଦାଦ ସହିତ ସମ୍ପର୍କ ତୁଟିବା ପରେ ପୂରା ସେନା ପଙ୍ଗୁ ହୋଇଯାଇଥିଲା । ଇରାନ ଏହି ତ୍ରୁଟି ଦୋହରାଇବନି ବୋଲି ଜାଫରି ପଣ କରିଥିଲେ । ଆଇଆରଜିସିର ରଣନୈତିକ ଅଧ୍ୟୟନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଜାଫରି ୨୦୦୫ରେ ଦାୟିତ୍ୱ ନେବା ପରେ ଏପରି ଏକ ଢାଞ୍ଚା ପ୍ରସ୍ତୁତ କଲେ ଯେଉଁମାନେ କି ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ି ପାରିବେ। ଜାଫରି ମୋଜେକ ଡିଫେନ୍ସ ସିଷ୍ଟମ ଲାଗୁ କରିଥିଲେ, ଯେଉଁଥିରେ ସେ ସେନାକୁ ଛୋଟ ଛୋଟ ଦଳରେ ବିଭାଜନ କରିଥିଲେ । ଇରାନର ୩୧ ପ୍ରଦେଶରେ ୩୧ଟି ଅର୍ଦ୍ଧ ସ୍ୱାୟତ୍ତ ୟୁନିଟ୍ ଗଠନ କରିଥିଲେ। ପ୍ରତ୍ୟେକ ପ୍ରାନ୍ତରେ ନିଜସ୍ୱ ସ୍ୱତନ୍ତ୍ର ମୁଖ୍ୟାଳୟ, ସଂଚାର ପ୍ରଣାଳୀ, କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଭଣ୍ଡାର ଓ ଗୁପ୍ତ ସମ୍ପତ୍ତି ରହିଥିଲା ।

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୨ | ମସିହା www.masiha.in

## ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲେ କିମ୍



ଯେତେବେଳେ ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ଏକ ଭୟଙ୍କର ସ୍ଥିତିରେ ପହଞ୍ଚିଛି। ସେହି ସମୟରେ, ଏସିଆର ଅନ୍ୟ ଏକ ଭାଗରେ ଯୁଦ୍ଧର ଏକ ନୂଆ ମୋର୍ଚ୍ଚା ସୃଷ୍ଟି ହେବାରେ ଲାଗିଛି । ଜାପାନର ପ୍ରଧାନମନ୍ତ୍ରୀ ଜିନହୁଆରେ ଘୋଷଣା କରିଛନ୍ତି, ଉତ୍ତର କୋରିଆ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଥିବାର ଅନୁମାନ କରାଯାଉଛି।ପ୍ରାରମ୍ଭିକ ସୂଚନା ଅନୁଯାୟୀ କ୍ଷେପଣାସ୍ତ୍ରଟି ଜାପାନ ସାଗର ଆଡ଼କୁ ନିକ୍ଷେପ କରାଯାଇଥିଲା। ଇରାନୀ କ୍ଷେପଣାସ୍ତ୍ରକୁ ପ୍ରତିରୋଧ କରିବା ପାଇଁ ଦକ୍ଷିଣ କୋରିଆରେ ନିୟୋଜିତ ବାୟୁ ପ୍ରତିରକ୍ଷାକୁ ଆମେରିକା ମଧ୍ୟପ୍ରାଚ୍ୟକୁ ପାଠାଇ ଦେଇଥିଲା। ଯଦି ଉତ୍ତର କୋରିଆ ଏହି ସମୟରେ ଦକ୍ଷିଣ କୋରିଆ ବିରୋଧରେ ଏକ ମିଶନ ଆରମ୍ଭ କରେ, ତେବେ ଏହା ବିନାଶକାରୀ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟରେ କରିଛି, ସମ୍ଭବତଃ ଉତ୍ତର କୋରିଆରୁ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଛି ।ଦକ୍ଷିଣ କୋରିଆ ଏବଂ ଆମେରିକାର ମିଳିତ ସାମରିକ ଅଭ୍ୟାସ ମଧ୍ୟରେ କ୍ଷେପଣାସ୍ତ୍ର ଉତ୍କ୍ଷେପଣ କରାଯାଇଛି। ସୋମବାର ଦିନ ଦକ୍ଷିଣ କୋରିଆ ଏବଂ ଆମେରିକା ସେମାନଙ୍କର ବାର୍ଷିକ ଫ୍ରିଡମ୍ ସିଲ୍ଡ ସାମରିକ ଅଭ୍ୟାସ ଆରମ୍ଭ କରିଥିଲେ। ଏହା ୧୧ ଦିନ ଧରି ଚାଲିବ। ଉତ୍ତର କୋରିଆ ବହୁ ଦିନ ଧରି ସହଯୋଗୀ ରାଷ୍ଟ୍ରଗୁଡ଼ିକର ମିଳିତ ସାମରିକ ଅଭ୍ୟାସକୁ ସମାଲୋଚନା କରିଆସୁଛି, ଏହାକୁ ଆକ୍ରମଣ ପାଇଁ ପ୍ରସ୍ତୁତି ବୋଲି କହୁଛି। ସିଓଲ ଏବଂ ୱାଶିଂଟନ କହିଛନ୍ତି ଯେ, ଏହି ଅଭ୍ୟାସ ସମ୍ପୂର୍ଣ୍ଣ ଭାବରେ ପ୍ରତିରକ୍ଷାମୂଳକ ।ଚଳିତ ସପ୍ତାହର ଆରମ୍ଭରେ, ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ-ଉନଙ୍କ ପ୍ରଭାବଶାଳୀ ଭଉଣୀ କିମ୍ ୟୋ-ଜଙ୍ଗ ଚାଲିଥିବା ସାମରିକ ଅଭ୍ୟାସକୁ ନିନ୍ଦା କରି ଭୟଙ୍କର ପରିଣାମ ବିଷୟରେ ଚେତାବନୀ ଦେଇଥିଲେ । ପ୍ୟୋଙ୍ଗୟାଙ୍ଗର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଉତ୍ତର କୋରିଆ କିଛି ଦିନ ତଳେ । ଜାନୁଆରି ୨୭ ତାରିଖରେ ଚୋ ହ୍ୟନ୍ ବିଧ୍ୱଂସକରୁ ରଣନୈତିକ କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଥିଲା। ଏହା ଅନ୍ତର୍ଗତ ପୂର୍ବ ସାଗର ଆଡ଼କୁ ଅନେକ କ୍ଷୁଦ୍ର ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା ।

## ଇରାକ୍‌ରେ ଖସିଲା ଆମେରିକା ବିମାନ: ୪ ମୃତ



ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାର ସାମରିକ ବିମାନଗୁଡ଼ିକୁ ତୈଳ ଯୋଗାଉଥିବା ଏକ କେସି-୧୩୫ ଏୟାରକ୍ରାଫ୍ଟ ପଶ୍ଚିମ ଇରାକ୍‌ରେ ଖସିପଡ଼ିଛି। ବିମାନରେ ନିଆଁ ଲାଗିଯିବାରୁ ସେଥିରେ ଥିବା ୬ କ୍ରିଉ ମେମ୍ବରଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଯୁଦ୍ଧ ଉପରେ ନଜର ରଖିଥିବା ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ଶୁକ୍ରବାର ଜାରି ଏକ ବିବୃତିରେ କୁହାଯାଇଛି, ଆକାଶରେ ଗୋଟିଏ ବିମାନରେ କେସି-୧୩୫ ଏୟାରକ୍ରାଫ୍ଟ ତୈଳ ଭର୍ତ୍ତି କରୁଥିବାବେଳେ ଏହା ଖସିପଡ଼ିଥିଲା।ଏହି ଅଘଟଣର କାରଣ ସ୍ପଷ୍ଟ ହୋଇନାହିଁ। ଏପରି କାହିଁକି ଘଟିଲା ସେନେଇ ତଦନ୍ତ ଚାଲିଛି। ତେବେ ଶତ୍ରୁପକ୍ଷର ଆକ୍ରମଣ ଯୋଗୁ ଏହା ଖସିପଡ଼ିନାହିଁ। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଆମେରିକୀୟ ବିମାନ ଖସିବାରେ ଏହା ହେଉଛି ଚତୁର୍ଥ ଘଟଣା। ଅନ୍ୟପକ୍ଷେ ତୈଳ ଭର୍ତ୍ତି କରାଯାଇଥିବା ଅନ୍ୟ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିବା ଆମେରିକା ବାୟୁସେନା ସ୍ପଷ୍ଟ କରିଛିକେସି-୧୩୫ ଷ୍ଟ୍ରାଟୋଟ୍ୟାଙ୍କର ହେଉଛି ଆମେରିକା ବାୟୁସେନାର ଏକ ଏୟାରକ୍ରାଫ୍ଟ, ଯାହାକି ଆକାଶରେ ଅନ୍ୟ ଦୂରଗାମୀ ବିମାନଗୁଡ଼ିକୁ ତୈଳ ଯୋଗାଇଥାଏ। ଏପରି କି ଯୁଦ୍ଧ ସମୟରେ ଆହତ ସୈନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରି ଆମେରିକାକୁ ନେବା ସହ ସର୍ଭିଲାନ୍ସ ମିଶନରେ ନିୟୋଜିତ ହୋଇଥାଏ। ବୋଇଂ ୭୦୭ ବିମାନଟି ୬୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଆମେରିକା ବାୟୁସେନାରେ କାର୍ଯ୍ୟରତ ଥିଲା। ୧୯୬୦ ଦଶକରେ ଏହାର ଶେଷ ବିମାନ ନିର୍ମାଣ କରାଯାଇଥିଲା ବୋଲି ଦକ୍ଷିଣ କୋରିଆର ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପଲିସି ଷ୍ଟଡିଜ୍‌ର ସୁରକ୍ଷା ବିଶେଷଜ୍ଞ ୟାଙ୍ଗ୍ ଉକ୍

## ବିଦେଶୀ ନାଗରିକଙ୍କୁ ବଡ଼ ଆଶ୍ୱସ୍ତି, ଆଉ ଭିସା ପାଇଁ ଦେବାକୁ ପଡିବନି ଜୋରିମାନା




ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତ ଗତକାଲି ପ୍ରଭାବିତ ବିଦେଶୀ ନାଗରିକଙ୍କ ଭିସାକୁ ୩୦ ଦିନ ପାଇଁ ବୃଦ୍ଧି କରିଛି । ଏଥିସହିତ ବିଦେଶୀ ନାଗରିକ ଅଧିକ ସମୟ ରହିବା ପାଇଁ ଜୋରିମାନା ଛାଡ଼ ଘୋଷଣା କରାଯାଇଛି । ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ଦୁବାଇ ସ୍ଥିତ ଭାରତୀୟ ବାଣିଜ୍ୟ ଦୂତବାସ Xରେ ଏକ ପୋଷ୍ଟ ସେୟାର କରି ଏହି ଘୋଷଣା କରିଛି ।ନିୟମିତ ଭିସା ଏବଂ ଇ-ଭିସା ପାଇଁ ଏହି ଛାଡ ନିୟମ ଲାଗୁ କରାଯାଇଛି । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ସମୟରେ ହୋଇଥିବା ସଙ୍କଟ ମଧ୍ୟରେ ଏହି ଘୋଷଣା କରାଯାଇଛି । ଯାହା ଏକ ବଡ଼ ସଂଘର୍ଷ ସୃଷ୍ଟି କରିଛି ।ଏହି ଘୋଷଣାରେ କୁହାଯାଇଛି ଯେ, ଭିସା ବୃଦ୍ଧି ଏବଂ ଦଣ୍ଡ ଛାଡ଼ କେବଳ ଉପସାଗରୀୟ ଦେଶମାନଙ୍କ ସମେତ ଅନ୍ୟ ବିଦେଶୀ ନାଗରିକମାନଙ୍କ ପାଇଁ ଲାଗୁ କରାଯିବ । ଏହାରି ମଧ୍ୟରେ ଦୁବାଇର ଭାରତୀୟ ବାଣିଜ୍ୟ ଦୂତବାସ କହିଛି ଯେ, ସମସ୍ତ ପ୍ରକାରର ଭିସା ଏବଂ ଇ-ଭିସା ଯାହାର ବୈଧତା ସମାପ୍ତ ହେବାକୁ ଯାଉଛି । ଯାହା କେବଳ ପ୍ରଭାବିତ ନାଗରିକମାନଙ୍କ ପାଇଁ ଗୋଟିଏ ମାସ ପାଇଁ ବୃଦ୍ଧି କରାଯିବ । ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ (FRRO) ଦ୍ୱାରା ହୋଇଥିବା ମାମଲା ଆଧାରରେ ଏହି ବୃଦ୍ଧି ପ୍ରଦାନ କରାଯିବ ।ଏଥିସହିତ ୨୮ ଫେବୃଆରୀ ପରେ ପ୍ରଭାବିତ ନାଗରିକଙ୍କ ପାଇଁ ଏହି ଜୋରିମାନା ଛାଡ଼ କରାଯାଇଛି । ଭାରତୀୟ ଅଧିକାରୀ ଫସି ରହିଥିବା ବିଦେଶୀ ନାଗରିକଙ୍କୁ ବିନା କୌଣସି ଚାର୍ଜରେ ପ୍ରସ୍ଥାନ ପରମିଟ୍ ଏବଂ ଅସ୍ଥାୟୀ ଅବତରଣ ପରମିଟ୍ ପ୍ରଦାନ କରିବା ପାଇଁ ଛାଡ଼ ଘୋଷଣା କରିଛନ୍ତି । କନସ୍ୟୁଲେଟ୍ ଆହୁରି ଘୋଷଣା କରିଛି ଯେ, ପ୍ରଭାବିତ ବିଦେଶୀଙ୍କ ପାଇଁ ପ୍ରସ୍ଥାନ ଅନୁମତି ମାଗଣା କରାଯିବ । ବିଦେଶୀଙ୍କ ଦ୍ୱାରା ପ୍ରସ୍ଥାନ ଅନୁମତି ଏବଂ ଭିସା ବୃଦ୍ଧି ପାଇଁ ଆବେଦନ ନ କରିବା ଆଇନ ଉଲ୍ଲଂଘନ ବୋଲି ବିବେଚନା କରାଯିବ ନାହିଁ । ଏହା ବ୍ୟତୀତ, ଭାରତ ବିମାନ ପରିବର୍ତ୍ତନ ଯୋଗୁଁ ଭାରତରେ ଆସୁଥିବା ବିଦେଶୀ ନାଗରିକଙ୍କୁ ଏକ ଅସ୍ଥାୟୀ ଅବତରଣ ଅନୁମତି ପ୍ରଦାନ କରିବାକୁ ଘୋଷଣା କରିଛି । ଅନ୍ୟପଟେ ବିବାଦ ଆରମ୍ଭ ହେବାର ଅଳ୍ପ ସମୟ ପରେ ଭାରତ ମାର୍ଚ୍ଚ ୧ ତାରିଖରେ ଦେଶରେ ତିବା ବିଦେଶୀ ନାଗରିକଙ୍କୁ ଭିସା ବୃଦ୍ଧି ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାକୁ କହିଥିଲେ । ବୈଦେଶିକ ମନ୍ତ୍ରଣାଳୟ ଏକ ପରାମର୍ଶ ଜାରି କରିଛନ୍ତି ଯେ, ବିଦେଶୀ ନାଗରିକମାନଙ୍କୁ ଭିସା ବୃଦ୍ଧି ପାଇଁ ସହାୟତା ଆବଶ୍ୟକ ହେଲେ ନିକଟତମ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ (FRRO) ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲା ।

## ଇରାନର କଳାବାଦଲ ଯଦି ହୁଏ ଭାରତ ମୁହାଁ!: ଗୁଜରାଟ ସମେତ ୩ ରାଜ୍ୟରେ ସୃଷ୍ଟି ହେବ ସଙ୍କଟ



ଇରାନର ତୈଳ ସ୍ଥାପନା ଉପରେ ଆମେରିକା-ଇସ୍ରାଏଲର ବିମାନ ଆକ୍ରମଣ ରାଜଧାନୀ ତେହେରାନ ତଥା ଏହାର ଆଖପାଖ ଅଞ୍ଚଳଗୁଡ଼ିକର ଆକାଶକୁ କଳା ମେଘରେ ଆଚ୍ଛାଦିତ କରିଛି। କଳା ଧୂଆଁ ଯୋଗୁ ଲୋକଙ୍କ ପାଇଁ ନିଶ୍ୱାସ ନେବା କଷ୍ଟକର ହେଉଛି। ଇରାନର ରେଡ କ୍ରିସେଣ୍ଟ ସୋସାଇଟି ଏସିଡ୍ ବର୍ଷା ପ୍ରତି ସତର୍କ ରହିବାକୁ ଲୋକଙ୍କୁ ଚେତାବନୀ ଦେଇଛି।ଯଦି ଏହି କଳାବାଦଲ ହୁଏ ଭାରତ ମୁହାଁ ହେବ ତେବେ ଗୁଜୁରାଟ, ରାଜସ୍ଥାନ ଓ ପଞ୍ଜାବା ସ୍ଥିତି ସତ୍ତ୍ୱକଟ ଜନକ ହେବ ବୋଲୀ ଆକଳନ କରାଯାଇଛିତେଲ ଯୁକ୍ତ ଏହି କଳା ବାଦଲ ଯୋଗୁ ଭାରତ ମଧ ବିପଦରେ ଅଛି । ଇରାନରୁ ପାକିସ୍ତାନର ପଶ୍ଚିମ ଅଞ୍ଚଳ ବଲୁଚିସ୍ତାନ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଦିଗରେ ପବନ ବହୁଛି। ପାକିସ୍ତାନ ପାଣିପାଗ ବିଭାଗ ଏହି ମେଘ ଓ ବିଷାକ୍ତ ଧୂଆଁ ସମ୍ପର୍କରେ ପୂର୍ବରୁ ଏକ ଚେତାବନୀ ଜାରି କରିସାରିଛି। ତେବେ ଭାରତ ପ୍ରତି ସିଧାସଳଖ ବିପଦ ସର୍ବନିମ୍ନ ରହିଛି। ହିମାଳୟ ଏବଂ ଇରାନଠାରୁ ଭାରତର ଦୂରତା ଯୋଗୁଁ ପ୍ରଭାବ କମ୍ ହୋଇପାରେ ବୋଲି କୁହାଯାଉଛି। ଯଦି ଜେଟ୍ ଷ୍ଟ୍ରିମ୍ ବା ପୃଥିବୀ ପୃଷ୍ଠରେ ପ୍ରବାହିତ ପ୍ରବଳ ପବନର ବେଗ ଅଧିକ ହେବ ତେବେ ଏହି କଳା ଧୂଆଁର ସୂକ୍ଷ୍ମ କଣିକା ଗୁଜୁରାଟ, ରାଜସ୍ଥାନ ତଥା ପଞ୍ଜାବରେ ପହଞ୍ଚିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।। ଆଫଗାନିସ୍ତାନ ଏବଂ ତୁର୍କମେନିସ୍ତାନ ଭଳି ପଡ଼ୋଶୀ ଦେଶଗୁଡ଼ିକ ପ୍ରଥମେ ପ୍ରଭାବିତ ହେବେ। ହାଇସ୍ପିଲ୍ଟ ଭଳି ବିଶ୍ୱ ମଡେଲଗୁଡ଼ିକ ଦର୍ଶାଏ ଯେ, ବାଦଲରେ ଥିବା ତେଲ କଣିକା ପାଞ୍ଚରୁ ଦଶ ଦିନ ମଧ୍ୟରେ ଦୁଇ ହଜାରରୁ ତିନି ହଜାର କିଲୋମିଟର ପର୍ଯ୍ୟନ୍ତ ଭାସମାନ ଅବସ୍ଥାରେ ଗତି କରିପାରେ।ଏହି ବିଷାକ୍ତ ମେଘ ଯୋଗୁଁ ହେଉଥିବା ଏସିଡ୍ ବର୍ଷାର ପ୍ରଭାବ ଗୋଟିଏରୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଏହାର ଦୀର୍ଘକାଳୀନ ପ୍ରଭାବ ବର୍ଷ ବର୍ଷ ଧରି ଅନୁଭୂତ ହେବ। ମାଟିରେ ଜମା ହୋଇଥିବା ଏସିଡି ୧୦ ରୁ ୨୦ ବର୍ଷ ପର୍ଯ୍ୟନ୍ତ ରହିପାରେ। ଏହା ମାଟିର ବଫର କ୍ଷମତାକୁ ହ୍ରାସ କରିବ। ମଣିଷଙ୍କଠାରେ ଶ୍ୱାସକ୍ରିୟା ରୋଗ ୨୦ ରୁ ୩୦% ବୃଦ୍ଧି ପାଇପାରେ। ଏନେଇ ପିଲା ଏବଂ ବୃଦ୍ଧମାନେ ଅଧିକ ବିପଦରେ ଅଛନ୍ତି। କୃଷି ଉତ୍ପାଦନ ୧୦-୧୫% ହ୍ରାସ ପାଇପାରେ। ଫଳରେ ଭବିଷ୍ୟତରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇପାରେ । ଏସିଡ୍ ବର୍ଷା ଗଛର ମୂଳକୁ ଦୁର୍ବଳ କରିଦିଏ, ପତ୍ର ପୋଡ଼ିଦିଏ ଏବଂ ଜଙ୍ଗଲ ଜୈବ ବିବିଧତାକୁ ନଷ୍ଟ କରିଦିଏ। ମଣିଷଙ୍କଠାରେ ସ୍ନାୟୁଗତ ବିକାର ଆଣେ। ତେହେରାନ ଭଳି ଏକ ଘନ ଜନସଂଖ୍ୟା ବିଶିଷ୍ଟ ସହରରେ ବାୟୁ ପ୍ରଦୂଷଣପୂର୍ବରୁ ଅଧିକ ରହିଛି। ଫଳରେ ଏସିଡ୍ ବର୍ଷା ପରିସ୍ଥିତି ମହାମାରୀ ଭଳି ହୋଇପାରେ। ଭିଏତନାମରେ ଏଜେଣ୍ଟ ଅରେଞ୍ଜ ୟୁକ୍ରେନ ଯୁଦ୍ଧର ପ୍ରଦୂଷଣ ଯୋଗୁ ବିପଦ ସୃଷ୍ଟି କରିଛି। ଏହି ରାସାୟନିକ ପଦାର୍ଥଯୁକ୍ତ ମେଘ ମାଟି ଏବଂ ପାଣିରେ ସୀସା ଏବଂ ପାରଦ ଭଳି ଭାରୀ ଧାତୁ ଜମା କରିବ। ଏହା ଯୋଗୁଁ, ଏଗୁଡ଼ିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରିବ ଏବଂ ପରେ ଖାଦ୍ୟ ମାଧ୍ୟମରେ ଶରୀରରେ ପହଞ୍ଚି ଡିଏନ୍‌ଏକୁ କ୍ଷତି ପହଞ୍ଚାଇପାରେ। କର୍କଟ ଭଳି ଗମ୍ଭୀର ରୋଗ ହେବାର ମଧ୍ୟ ଆଶଙ୍କା ରହିଛି। ରୁଷ ଏବଂ ୟୁକ୍ରେନ ପରେ, ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବିଶ୍ୱରେ ବଢୁଥିବା ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଉଷ୍ମତା ବିରୋଧରେ ଚାଲିଥିବା ଲଢ଼େଇକୁ ବାଧା ଦେଉଛି। ପରିବେଶ ସୁରକ୍ଷା ପାଇଁ ରାଷ୍ଟ୍ରଗୁଡ଼ିକର ଇଚ୍ଛାଶକ୍ତି ସକାରାତ୍ମକ ଫଳାଫଳ ଆଣିଛି। ପ୍ୟାରିସ୍ ଚୁକ୍ତିନାମା ନିର୍ଗମନ ହ୍ରାସ କରିଛି, କିନ୍ତୁ ଯୁଦ୍ଧ ପରିବେଶ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ୟୁକ୍ରେନ ଉପରେ ବୋମା ମାଡ଼ ଯୋଗୁଁ ୩୫ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ ପ୍ରଦୂଷଣ ଜମା ହୋଇଥିଲା । ବର୍ତ୍ତମାନ, ଇରାନରେ ତେଲ ଜଳିବା ଦ୍ୱାରା ପ୍ରତିଦିନ ଲକ୍ଷ ଲକ୍ଷ ଟନ୍ ଗ୍ରୀନହାଉସ୍ ଗ୍ୟାସ୍ ବାୟୁମଣ୍ଡଳରେ ମିଶୁଛି। ଏହା ନିଶ୍ଚିତ ଭାବରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇକୁ ଦୁର୍ବଳ କରୁଛି। ଯୁଦ୍ଧ ନିର୍ଗମନ ବୃଦ୍ଧି ଯୋଗୁଁ ତାପମାତ୍ରା ୨.୩ ରୁ ୨.୫ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଇରାନ ଭଳି ତୈଳ ଉତ୍ପାଦନକାରୀ ଦେଶରେ ଯୁଦ୍ଧ ହେବା ଦ୍ୱାରା ବିଶ୍ୱରେ ଶକ୍ତି ସଙ୍କଟ ସୃଷ୍ଟି ହେବ ଏବଂ କୋଇଲା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବ। ଏହା ମଧ୍ୟ ଭୟଙ୍କର ତାପମାତ୍ରା ବୃଦ୍ଧି କରିପାରେ। ଏଥିରୁ ସୁରକ୍ଷା ପାଇଁ ଇରାନ ତୁରନ୍ତ ବାୟୁ ଗୁଣବତ୍ତା ମନିଟରିଂ ଷ୍ଟେସନ୍ ସ୍ଥାପନ କରିବା, ପ୍ରଭାବିତ ମାଟିକୁ ଚୂନ ଦେଇ ନ୍ୟୁଟ୍ରାଲ୍ କରିବା ଏବଂ ସ୍ୱାସ୍ଥ୍ୟ ଶିବିର ସ୍ଥାପନ କରିବା ଉଚିତ ବୋଲି ବିଶେଷ ମତପୋଷଣ କରିଛନ୍ତି।

## ଆମେରିକାରେ ରହିବା ପାଇଁ ଅପରାଧି ସାଜିଲେ: ୧୧ ଭାରତୀୟ ଗିରଫ




ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ଏଫ୍‌ବିଆଇ) ଭିସା ଜାଲିଆତି ଷଡ଼ଯନ୍ତ୍ର ପାଇଁ ଚାରୋଟି ରାଜ୍ୟରେ ଚଢାଉ କରି ୧୧ ଜଣ ଭାରତୀୟଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଭାରତୀୟମାନେ ଜାଣିଶୁଣି ନିଜ ବିରୋଧରେ ଅପରାଧ ମାମଲା ରୁଜୁ କରି ପ୍ରବାସ ସୁବିଧା ପାଇବା ପାଇଁ ନକଲି ଯୁ ଅଣ-ପ୍ରବାସୀ ଭିସା ପାଇଁ ଆବେଦନ କରିପାରିବେ। ଏହି ଭିସା ସେହି ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଏ ଯେଉଁମାନେ ଗୁରୁତର ଅପରାଧ କରିଥାନ୍ତି ଏବଂ ତଦନ୍ତରେ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ସହଯୋଗ କରିଥାନ୍ତି। କୁହାଯାଉଛି, ଭାରତୀୟ ନାଗରିକମାନେ ଏଥିରୁ ଲାଭ ପାଇବା ପାଇଁ ଏହି ଷଡ଼ଯନ୍ତ୍ର ରଚିଥିଲେ, କିନ୍ତୁ ତଦନ୍ତ ସଂସ୍ଥା ଏହାର ପର୍ଦ୍ଦାଫାସ୍ କରି ସେମାନଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଗୁଜରାଟର ବାସିନ୍ଦା।ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଅଭିଯୁକ୍ତମାନେ ୨୦୨୩ ମସିହାରେ ଏହି ସିସି ଟିଭି କ୍ୟାମେରାରେ ରେକର୍ଡ ହୋଇଥିଲା। ପୀଡ଼ିତ କର୍ମଚାରୀ କିମ୍ବା ମାଲିକମାନେ ପୁଲିସକୁ ଜଣାଇବା ପୂର୍ବରୁ କିଛି ମିନିଟ୍ ଅପେକ୍ଷା କରିଥିଲେ ଯାହାଦ୍ୱାରା ଅଭିଯୁକ୍ତମାନେ ସୁରକ୍ଷିତ ଭାବରେ ଫେରାର ହୋଇଯିବେ।ତଦନ୍ତରୁ ଜଣାପଡିଛି ଯେ, ଏହି ଘଟଣାଗୁଡ଼ିକ ମୁଖ୍ୟ ଅଭିଯୁକ୍ତ ରାମଭାଇ ପଟେଲ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଯୋଜନା କରାଯାଇଥିଲା। ପୀଡିତମାନେ ଷଡ଼ଯନ୍ତ୍ରରେ ଅଂଶଗ୍ରହଣ କରିବା ପାଇଁ ଅଭିଯୁକ୍ତଙ୍କ ଠାରୁ ଟଙ୍କା ନେଇଥିଲେ। ପଟେଲ ଦୋକାନ ବ୍ୟବହାର କରିବା ବେନ୍ ପଟେଲ, ସଙ୍ଗୀତା ବେନ୍ ପଟେଲ ଏବଂ ମିତୁଲ ପଟେଲଙ୍କୁ ମାସାଚୁସେଟ୍ସରେ ଗିରଫ କରାଯାଇଥିଲା । ବୋଷ୍ଟନର କୋର୍ଟରେ ପ୍ରାରମ୍ଭିକ ହାଜର ପରେ ଅଭିଯୁକ୍ତମାନଙ୍କୁ ମୁକ୍ତ କରାଯାଇଥିଲା । ରମେଶ ଭାଇ ପଟେଲ, ରୋନକ କୁମାର ପଟେଲ, ସୋନାଲ ପଟେଲ ଏବଂ ମିନକେଶ ପଟେଲଙ୍କୁ କେଣ୍ଟୁକି, ମିସୌରୀ ଏବଂ ଓହିଓରୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା । ପରେ ସେମାନଙ୍କୁ ବୋଷ୍ଟନର ଫେଡେରାଲ କୋର୍ଟରେ ହାଜର କରାଯିବ ।ଏଫ୍‌ବିଆଇ ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୩ ମସିହା MASIHA www.masiha.in

# ବ୍ରହ୍ମପୁର ବିଏମ୍‌ସିର ନୂତନ କମିଶନର ହେଲେ ଏ. ସସ୍ୟ ରେଡ୍ଡୀ



ବ୍ରହ୍ମପୁର,୧୩/୦୩ ରାଜ୍ୟ ସ୍ତରରେ କିଛି ଆଇଏଏସଙ୍କୁ ଅଦଳବଦଳ ହୋଇଛି । ବ୍ରହ୍ମପୁର ମହାନଗର ନିଗମ ( ବିଏମ୍‌ସି) କମିଶନର ତଥା ବିଡିଏ ଉପାଧକ୍ଷ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। । ସେହିଭଳି ୨୦୨୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତଥା ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟରତ ଥିବା ଏ. ସସ୍ୟ ରେଡ୍ଡୀଙ୍କୁ ବ୍ରହ୍ମପୁର ବିଏମ୍‌ସିର ନୂତନ କମିଶନର ଭାବେ କାର୍ଯ୍ୟଭାର ସମ୍ଭାଳିବା ପାଇଁ ଦିଆଯାଇଛି । ଏଥି ସହିତ ତାଙ୍କୁ ବିଇଡିଏ ଉପାଧକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ମଧ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋ ଯାଗ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା ଥାଉ କି , ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରାଜେଶିର୍କେଙ୍କୁ ଗତ ଜୁନ୍ ମାସରେ ବିଏମ୍‌ସି କମିଶନର ଭାବେ ନିଯୁକ୍ତି ମିଳିଥିଲା। ସେ ବିଏମ୍‌ସିରେ ଯୋଗଦେବା ପରେ ବହୁ ପଦକ୍ଷେପ ହାତକୁ ନେଇ ଉନ୍ନୟନ ମୂଳକ କାର୍ଯ୍ୟ ଭାର ସମ୍ଭାଳିବା ଆସୁଥିଲେ । ତତ ସହିତ ସହରବାସୀଙ୍କୁ ନାଗରିକ କୈନ୍ଦ୍ରିକ ସେବା ଯୋଗାଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ।

# ଚୋରା ଗଞ୍ଜେଇ କାରବାର ରେ ଅବକାରୀ ବିଭାଗ ପକ୍ଷରୁ ତିନି ଗିରଫ




ସାତ କିଲୋ ୪ସହ ଗ୍ରାମ ଗଞ୍ଜେଇ ଜବତ ଚୋରା ଗଞ୍ଜେଇ କାରବାର ଘଟଣାରେ ଆଜି ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ଅବକାରୀ ଅଧିକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ଓ ସହକାରୀ ଅଧୀକ୍ଷକ ସାଗରିକା ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଧର୍ମଗଡ଼ ସହରର ବସ୍ତି ପଡା ରେ ଚଢାଉ କରାଯାଇ ଗୁଣନିଧି ନାଏକ ଙ୍କ ଠାରୁ ୩କେଜି ଗଞ୍ଜେଇ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ସେହିପରି କୋକସରା ଥାନା ଅଧିନସ୍ଥ ପଲସା ପଡା ଠାରେ ଚଢାଉ କରାଯାଇ ଭୁବନେଶ୍ୱର ମେହର ଓ ଅରକ୍ଷିତ ମେହର ଙ୍କ ଠାରୁ ମୋଟ ୪କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା।ଧର୍ମଗଡ଼ ଅବକାରୀ ଥାନାରେ ଏନେଇ ଦୁଇଟି ପୃଥକ ମାମଲା ରୁଜ୍ଜୁ କରାଯାଇ ତିନି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉ ରେ ଧର୍ମଗଡ଼ ଅବକାରୀ ନିରୀକ୍ଷକ ଅରୁଣ କୁମାର ଯୋଶୀ,ଧର୍ମଗଡ଼ ଓଆଇସି ପ୍ରତିମା ବେହେରା, ଜୁନାଗଡ ଓଆଇସି ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ଜୟପାଟଣା ଓଆଇସି ସୁରେଶ ଭୋଇ, କୋକସରା ଓଆଇସି ଗୁପ୍ତେଶ୍ୱର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ ।ବିଦ୍ୟାଧର ସାହୁଙ୍କ ରିପୋର୍ଟ)

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ଅନ୍ତିମ ପର୍ଯ୍ୟାୟରେ ଜିଲ୍ଲାର ୧୦୮୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା




ନବରଙ୍ଗପୁର:( ତା ୧୩.୩.୨୦୨୬)(ରବି ନାରାୟଣ ମହାନ୍ତି)ଆଜି ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ଠାରେ ଗତ ୧୦.୩.୨୦୨୬ ରୁ ଆରମ୍ଭ ହୋଇଥିବା ଚାରି ଦିନିଆ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ସମାପ୍ତ ହୋଇଯାଇଛି।ଏହି ଯୋଜନାରେ ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୦୮୨ ଜଣ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଗ୍ୟାଷ୍ଟ୍ରୋ ଏନଡ୍ରୋଲୋଜି ରେ ୨୨୫, ଜେନେରାଲ ସର୍ଜରୀ ରେ ୧୨୮,କାଡିଓଲୋଜି ରେ ୧୬୩,ୟୁ ରେ ୮୭, ନ୍ୟୁରୋଲୋଜି ରେ ୩୫୭, ନେଫ୍ରୋଲୋଜି ରେ ୧୪୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସୁବାସ ଚନ୍ଦ୍ର ବୋଷ ମେଡିକାଲ କଲେଜ, କଟକ ରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଙ୍କ ଦ୍ୱାରା କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ୧୯୯ ଜଣଙ୍କ ଅ ଲଟ୍ରାସାଉଣ୍ଡ,୫୩ ଜଣଙ୍କ ଇକୋ,୨୩ ଜଣଙ୍କ ଏଣ୍ଡୋସ୍କୋପି,୬୩ ଜଣଙ୍କ ଏକ୍ସ ରେ,୩୧୮ ଜଣଙ୍କ ଲାବଟେଷ୍ଟ,୧୦୫ ଜଣଙ୍କ ଇ ସି ଜି,୪୪ ଜଣଙ୍କ ସିଟି ସ୍କାନ କରାଯାଇଥିଲା।ମୋଟ ୭ ଜଣ ରୋଗୀଙ୍କ ଅସ୍ତ୍ରୋପ୍ରଚାର କରାଯାଇଛି।ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଓ ଚିକିତ୍ସା ସେବା ଦ୍ୱାରା ରୋଗୀମାନେ ଉପକୃତ ହେବେ ଓ ଶୀଘ୍ର ଉପଶମ ଲାଭ କରିବେ ବୋଲି ଆଶା କରାଯାଉଛି।

# କଳାବଜାରୀ ରେ ସହରବାସୀ ଖାଉଟିଙ୍କ ମୁଣ୍ଡରେ ଚଡ଼କ ପ୍ରଶାସନ ର ଚଢ଼ାଉ କେବେ ?



ବ୍ରହ୍ମପୁର ;- ୧୩/୦୩ ବ୍ରହ୍ମପୁର ସହରରେ ଦିନକୁ ଦିନ ଦର ଦାମ ବଜାରରେ ଅନିୟନ୍ତ୍ରିତ ବୃଦ୍ଧି ଘଟିଛି । ଯାହା ସାଧାରଣ ଖାଉଟିଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇପଡ଼ିଛି । ସହରର ବିଭିନ୍ନ ଗଳିକନ୍ଦିରେ ଥିବା ଛୋଟ ଦୋକାନ ଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଅହେତୁକ ଭାବରେ ଦର ବୃଦ୍ଧି ହେଉଥିବା ଦେଖାଯାଉଛି। ଦୁଃଖର ବିଷୟ ହେଲା ଏହା ଉପରେ କୌଣସି ପ୍ରକାର ନିୟନ୍ତ୍ରଣ କିମ୍ବା ନଜରଦାରୀ ଦେଖିବାକୁ ମିଳୁନାହିଁ। ଯାହାଫଳରେ କେତେକ ଅସାଧୁ ବ୍ୟବସାୟୀ ଓ କଳାବଜାରୀମାନେ ଭୟ ଛାଡ଼ି ମନଇଚ୍ଛା ଦର ବଢ଼ାଇ ଲାଭ ଉଠାଉଛନ୍ତି, ଏବଂ ଏହାର ଭାର ସିଧାସଳଖ ସାଧାରଣ ଖାଉଟିଙ୍କ ଉପରେ ପଡୁଛି ।ସୂଚନା ଥାଉ କି, ଘରୋଇ ଗ୍ୟାସ ଦର ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ତଥାପି ପରିବାପତ୍ର ଠାରୁ ଆରମ୍ଭ କରି ନିତିଦିନିଆ ଆବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ଦର ଆକାଶଛୁଆଁ ହୋଇଯାଇଛି। ଏହା ସହ ଟିଫିନ୍ ସାମଗ୍ରୀର ଦରରେ ମଧ ଅସାମାନ୍ୟ ବୃଦ୍ଧି ଦେଖାଯାଉଛି। ଗତକାଲି ପର୍ଯ୍ୟନ୍ତ ଯେଉଁ ଇଡିଲି, ପୁରୀ କିମ୍ବା ଉପମା ୫ ଟଙ୍କାରେ ମିଳୁଥିଲା,ଆଜି ସେଗୁଡ଼ିକ କେତେକ ସ୍ଥାନରେ ୭ ତ କେଉଁଠି ୧୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଦୋସା ଯାହା କିଛି ଦିନ ପୂର୍ବରୁ ୩୦ ଟଙ୍କାରେ ମିଳୁଥିଲା, ଆଜି ତାହା ୫୦ ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।ଏହି ଅସାମାନ୍ୟ ଦର ବୃଦ୍ଧି କେବଳ ଟିଫିନ୍ ସାମଗ୍ରୀରେ ସୀମିତ ନୁହେଁ; ବଜାରର ଅନେକ ଆବଶ୍ୟକ ସାମଗ୍ରୀରେ ମଧ ଏହାର ପ୍ରଭାବ ଦେଖାଯାଉଛି। ଯାହାଫଳରେ ସାଧାରଣ ଲୋକମାନେ ଦିନକୁ ଦିନ ଅସୁବିଧା ଓ ଅସନ୍ତୋଷର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିକୁ ରାଜ୍ୟ ସରକାର ଓ ଯୋଗାଣ ବିଭାଗ ଗୁରୁତ୍ୱର ସହିତ ନେଇ ବଜାର ଉପରେ କଡା ନଜରଦାରୀ କରିବା ଆବଶ୍ୟକ। ଅନାବଶ୍ୟକ ଭାବରେ ଦର ବଢ଼ାଇଥିବା ବ୍ୟବସାୟୀଙ୍କ ଉପରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର,ଯାହା ଫଳରେ ବଜାର ଦର ନିୟନ୍ତ୍ରଣରେ ରହିପାରିବ ଏବଂ ସାଧାରଣ ଖାଉଟି ନିଶ୍ଚିନ୍ତ ଓ ସୁଖ ଶାନ୍ତିରେ ଜୀବନ ଯାପନ କରିପାରିବେ। ସାଧାରଣ ଲୋକଙ୍କ ହିତରେ ସରକାର ଶୀଘ୍ର ଏହାପ୍ରତି ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ ନେବେ ବୋଲି ସମସ୍ତଙ୍କ ଆଶା। ଯଦି ଠିକ୍ ସମୟରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଏହାର ପ୍ରଭାବ ଆଗାମୀ ପଞ୍ଚାୟତ ନିର୍ବାଚନରେ ପଡିବା ସ୍ୱାଭାବିକ। ସାଧାରଣ ଲୋକଙ୍କ ଅସନ୍ତୋଷ ବଢ଼ିଲେ ସରକାର ପରିବର୍ତ୍ତନର ସମ୍ଭାବନାକୁ ମଧ ଏଡ଼ାଇ ଦିଆଯାଇପାରିବ ନାହିଁ।

# ଜିଲ୍ଲାର ୧. ୬୭ ଲକ୍ଷରୁ ଉର୍ଦ୍ଧ୍ୱ ଅନ୍ନଦାତାଙ୍କ ବ୍ୟାଙ୍କ ଖାତାକୁ ଗଲା ୩୩ କୋଟି ୫୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା




ଛତ୍ରପୁର, ତା ୧୩/୦୩ ସାରା ଦେଶର କୃଷକଙ୍କ ପରି ଗଞ୍ଜାମ ଜିଲ୍ଲାର କୃଷକମାନଙ୍କ ପାଇଁ ଆଜି ଥିଲା ଏକ ଆନନ୍ଦର ଦିନ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମର ରାଜଧାନୀ ଗୁଆହାଟୀରୁ ଡ଼ିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ଦେଶର ଅନ୍ନଦାତା ଭାଇଭଉଣୀମାନଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ପିଏମ କିଷାନ ଉତ୍ସବ ଦିବସ ପାଳନ କରାଯିବା ସହ ଜାତୀୟ ଓ ରାଜ୍ୟସ୍ତରୀୟ ସମାରୋହ ଓ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନର ସିଧା ପ୍ରସାରଣ କୃଷକ ଭାଇଭଉଣୀମାନଙ୍କ ପାଇଁ ଉପଲବ୍ଧ କରାଯାଇଥିଲା ।ଚାଷୀଙ୍କୁ ସଶକ୍ତ ଏବଂ କୃଷିକୁ ସମୃଦ୍ଧ କରିବା ଲକ୍ଷ୍ୟ କ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଗଞ୍ଜାମ ଜିଲ୍ଲାର ୧,୬୭,୭୪୬ କୃଷକ ପରିବାରଙ୍କୁ ୩୩,୫୪,୯୨,୦୦୦ ଟଙ୍କାର (ତେତିଶ କୋଟି ଚଉବନ ଲକ୍ଷ ବୟାନବେ ହଜାର) ସହାୟତା ରାଶି ଡ଼ିବିଟି ମାଧମରେ ପ୍ରଦାନ କରିଛନ୍ତି । ବ୍ଲକ ଅନୁଯାୟୀ ହିତାଧିକାରୀଙ୍କ ସଂଖ୍ୟା ହେଲା -- ଆସିକା ବ୍ଲକରେ ୮୧୦୨, ବେଗୁନିଆପଡାରେ ୮୪୬୩, ବେଲଗୁଣ୍ଠରେ ୬୬୫୪, ଭଞ୍ଜନଗରରେ ୫୭୮୯, ବୁଗୁଡାରେ ୭୨୦୭, ଛତ୍ରପୁରରେ ୪୨୫୧, ଚିକିଟିରେ ୫୩୦୪, ଧରାକୋଟରେ ୬୨୨୩, ଦିଗପହଣ୍ଡିରେ ୧୪୧୫୩, ଗଞ୍ଜାମ ବ୍ଲକରେ ୫୪୪୬, ହିଞ୍ଜିଳୀକାଟୁରେ ୬୩୭୮, ଜଗନ୍ନାଥପ୍ରସାଦରେ ୮୮୫୨, କବିସୂର୍ଯ୍ୟନଗରରେ ୬୧୨୩, ଖଲ୍ଲିକୋଟରେ ୧୦୦୬୩, କୁକୁଡାଖଣ୍ଡିରେ ୫୪୬୦, ପାତ୍ରପୁରରେ ୭୫୩୦, ପୋଲସରାରେ ୮୬୩୩, ପୁରୁଷୋତ୍ତମପୁରରେ ୮୫୧୧, ରଙ୍ଗେଇଲୁଣ୍ଡାରେ ୫୪୫୪, ସାନଖେମୁଣ୍ଡିରେ ୧୧୧୭୮, ସେରଗଡରେ ୯୮୦୩ ଏବଂ ସୁରଡା ବ୍ଲକରେ ୮୧୬୯ କୃଷି ପରିବାର ଏହି ଯୋଜନାରେ ଲାଭାନ୍ୱିତ ହେବେ । ଆଜି ପ୍ରଧାନମନ୍ତ୍ରୀ ଦେଶର ୯.୩୨ କୋଟି ଅନ୍ନଦାତାଙ୍କ ଆକାଉଣ୍ଟକୁ ୨୨ ତମ କିସ୍ତି ହସ୍ତାନ୍ତର କରିଛନ୍ତି । ଏହି କ୍ରମରେ ଓଡ଼ିଶାର ୩୪ ଲକ୍ଷରୁ ଅଧିକ କୃଷକ ପରିବାର ଉପକୃତ ହେଉଛନ୍ତି । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା କୃଷକମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହା ଅଧୀନରେ ଜମି ଥିବା ଚାଷୀମାନଙ୍କୁ ପ୍ରତିବର୍ଷ ତିନୋଟି କିସ୍ତିରେ ୨୦୦୦ ଟଙ୍କା କରି ସର୍ବମୋଟ ୬୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସହାୟତା ଚାଷୀଭାଇଭଉଣୀମାନଙ୍କୁ ଚାଷ ଋତୁ ପୂର୍ବରୁ ବିହନ, ସାର ଓ ଔଷଧ କ୍ରୟ କରିବାରେ ସାହାଯ୍ୟ କରୁଛି ।ସୂଚନା ଯୋଗ୍ୟ ଯେ, ପି.ଏମ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ପି.ଏମ କିଷାନ ପୋର୍ଟାଲରେ କୃଷକ ଭାଇଭଉଣୀମାନେ ନିଜେ ନିଜର ପଞ୍ଜିକରଣ ଓ ଆବେଦନ କରିପାରିବେ । ସମସ୍ତ ଜମି ସମ୍ପର୍କିତ ସୂଚନା କୃଷକ ଓଡିଶା ପୋର୍ଟାଲରୁ ସଂଗ୍ରହ କରାଯାଇପାରିବ । ଆଧାର ସହିତ ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ସେହି ଆକାଉଣ୍ଟରେ ଡ଼ିବିଟି ମାଧମରେ ସହାୟତା ରାଶି ପ୍ରଦାନ କରାଯିବ । କୃଷକମାନଙ୍କ ଜମିର ପ୍ରକାର ପରିବର୍ତ୍ତନ କରିବାର ବ୍ୟବସ୍ଥା ମଧ କୃଷକ ଓଡିଶା ପୋର୍ଟାଲରେ କରାଯାଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଏଗ୍ରି ଷ୍ଟାକ (Agri-stack) କୃଷକ ପଞ୍ଜିକରଣ ବାଧତାମୂଳକ ଅଟେ ।ଆଜିର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ଼ଃ କନ୍ଧ ଜେନା ଓ ବରିଷ୍ଠ କୃଷି ବୈଜ୍ଞାନିକ ଡଃ ସୁଜିତ କୁମାର ନାଥ ପ୍ରମୁଖଙ୍କ ସହିତ ଗଞ୍ଜାମ ଜିଲ୍ଲାର ବିଭିନ୍ନବ୍ଲକରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ପିଏମ କିଷାନ ଯୋଜନାର ହିତାଧିକାରୀ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରତି ଶୁକ୍ରବାର ଦିନ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସୁଛନ୍ତି ରାଜସ୍ୱ କର୍ମଚାରୀ



ନବରଙ୍ଗପୁର :( ତା:- ୧୩-୩-୨୬) (ରବି ନାରାୟଣ ମହାନ୍ତି) ହସ୍ତତନ୍ତ୍ର ବସ୍ତ୍ର ପରିଧାନ ଉଦ୍ୟମ କୁ ସମ୍ମାନ ଜଣାଇ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମସ୍ତ ରାଜସ୍ୱ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର କର୍ମଚାରୀ ମାନେ ପ୍ରତ୍ୟେକ ଶୁକ୍ରବାର ଦିନ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରି କାର୍ଯ୍ୟାଳୟକୁ ଆସୁଛନ୍ତି | ଏହା ମଧରେ ରାଜ୍ୟର ପାରମ୍ପରିକ ବୟନ ଓ ହସ୍ତତନ୍ତ୍ର ଶିଳ୍ପ ପ୍ରତି ସମ୍ମାନ ଓ ସମର୍ଥନ ପ୍ରକାଶ ପାଇଛି | ପ୍ରକାଶଥାଉକି ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢୀଙ୍କ ପ୍ରୟାସ ଏବଂ ଉଦ୍ୟମ ଅତି ପ୍ରଶଂସନୀୟ | ଡଃ ପାଢୀ, ପୂର୍ବରୁ କୃଷି ବିଭାଗରେ କାର୍ଯ୍ୟରତ ସମୟରେ ଏବଂ ବର୍ତ୍ତମାନ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗ ଦାୟିତ୍ୱ ଗ୍ରହଣ କରିବା ପରେ ପତ୍ର ମାଧମରେ ସମସ୍ଥ ଜିଲ୍ଲାପାଳ ମାନଙ୍କୁ ଅବଗତ କରାଇଥିଲେ | ଡଃ ପାଢୀ, ପ୍ରତ୍ୟେକ ସମୟରେ ହସ୍ତତନ୍ତ୍ର ପୋଷାକ ପରିଧାନ କରିବା ସହ ଓଡ଼ିଶା ର ପାରମ୍ପରିକ ହସ୍ତତନ୍ତ୍ର ସଂସ୍କୃତି କୁ ପ୍ରଚାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି | ଏହାକୁ ସମ୍ମାନ ଜଣାଇ ନବରଙ୍ଗପୁର ଜିଲ୍ଲାର ପ୍ରତ୍ୟେକ ରାଜସ୍ୱ କର୍ମଚାରୀ ୨୦୨୩ ମସିହା ଠାରୁ ନିୟମିତ ଭାବରେ ପ୍ରତି ଶୁକ୍ରବାର ଦିନ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରିଆସୁଛନ୍ତି |

# ଓଡିଶାର ରେଲୱେ ଉନ୍ନୟନ ପାଇଁ ଅଧିକ ବଜେଟ୍ ଦାବି କଲେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି




ନୂଆଦିଲ୍ଲୀ, ୧୩ ମାର୍ଚ୍ଚ : ସଂସଦର ଚାଲୁଥିବା ବଜେଟ୍ ଅଧିବେଶନ ସମୟରେ ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ଓଡିଶାରେ ରେଲୱେ ଉନ୍ନୟନ ପ୍ରକଳ୍ପଗୁଡ଼ିକ ପାଇଁ ଅଧିକ ବଜେଟ୍ ସହାୟତା ଦେବାକୁ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ ସଦନରେ ପ୍ରଶ୍ନ ଉଠାଇଛନ୍ତି। ରେଲୱେ ମନ୍ତ୍ରଣାଳୟକୁ ଦିଆଯାଇଥିବା ଏକ ଅଣ ତାରକା ପ୍ରଶ୍ନ ମାଧମରେ ସେ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡିଶାରେ ରେଲୱେ ପ୍ରକଳ୍ପଗୁଡ଼ିକ ପାଇଁ ଅତିରିକ୍ତ ବଜେଟ୍ ଆବଣ୍ଟନ କରାଯିବ କି ନାହିଁ ବୋଲି ପଚାରିଥିଲେ ।ଏହାର ଉତ୍ତରରେ କେନ୍ଦ୍ର ରେଲୱେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଗତ କିଛି ବର୍ଷ ଧରି ଓଡିଶାରେ ରେଲୱେ ପ୍ରକଳ୍ପ ପାଇଁ ବଜେଟ୍ ଆବଣ୍ଟନ ବଢ଼ିଛି। ୨୦୦୯-୧୪ ମଧରେ ପ୍ରତିବର୍ଷ ସରାସରି ୮୩୮ କୋଟି ଟଙ୍କା ଆବଣ୍ଟନ ହୋଇଥିବାବେଳେ ୨୦୨୫-୨୬ ମସିହାରେ ଏହା ବଢ଼ି ୧୦,୫୯୯ କୋଟି ଟଙ୍କାକୁ ପହଞ୍ଚିଛି। ସେ କହିଥିଲେ ଯେ ରେଲ ଲାଇନ୍ ନିର୍ମାଣର ଗତି ମଧ ବହୁଗୁଣା ବଢ଼ିଛି। ୨୦୧୪-୨୫ ମଧରେ ଓଡିଶାରେ ପ୍ରାୟ ୨,୧୫୦ କିଲୋମିଟର ନୂଆ ଲାଇନ୍ ଆରମ୍ଭ ହୋଇଛି।ସାଂସଦ ଶ୍ରୀ ବିଶି ସଦନରେ କହିଥିଲେ ଯେ ଓଡିଶାର ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ସଂଯୋଗ ବୃଦ୍ଧି, ଅର୍ଥନୈତିକ ଉନ୍ନତି ଓ ପରିବହନ ବ୍ୟବସ୍ଥା ଶକ୍ତିଶାଳୀ କରିବା ପାଇଁ ରେଲୱେ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୪ | ମସିହା | www.masiha.in

## ଜିଲ୍ଲା ସ୍ତରୀୟ ପି ଏମ କିସାନ ଉତ୍ସବ ଚାଷୀଙ୍କୁ ୨୨ ତମ ପିଏମ୍ କିଷାନ୍ ସମ୍ମାନନିଧି କିସ୍ତି ପ୍ରଦାନ



ନବରଙ୍ଗପୁର:( ତା ୧୩.୩.୨୦୨୬)(ରବି ନାରାୟଣ ମହାନ୍ତି)ଆଜି ପିଏମ୍ କିସାନ୍ସ ମ୍ମାନନିଧି ର ୨୨ତମ କିସ୍ତି ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୌହାଟୀ ଠାରୁ ପ୍ରଦାନ କରିଛନ୍ତି । ଯାହାର ସିଧା ପ୍ରସାରଣ ଆଭାସୀ ଜରିଆରେ ନବରଙ୍ଗପୁରସ୍ଥିତ ଜିଲ୍ଲା ମିଶନ୍ ଶକ୍ତି ସମ୍ମିଳନୀ କକ୍ଷ ପରିସରରେ ଆୟୋଜିତ ହୋଇଥିଲା । ଏହି ଯୋଜନାରେ ୪ ମାସକୁ ୨୦୦୦/- ଟଙ୍କା ହିସାବରେ ଏକ କିସ୍ତି ପ୍ରଦାନ କରାଯାଇଥାଏ । ଏହି ୨୨ତମ କିସ୍ତିରେ ନବରଙ୍ଗପୁର ଜିଲ୍ଲାର ମୋଟ ୧,୦୪,୩୬୪ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସର୍ବମୋଟ ୨୦କୋଟି ୮୭ଲକ୍ଷ ୨୮ହଜାର ଟଙ୍କା ପ୍ରଦାନ କରାଗଲା । ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା କୃଷି ବିଭାଗ ତଥା କୃଷି ବିଜ୍ଞାନ କେନ୍ଦ୍ର, ନବରଙ୍ଗପୁର ର ମିଳିତ ଆନୁକୁଲ୍ୟରେ ସଂଗଠିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ସମ୍ମାନୀତ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ମାନ୍ୟବର ସାଂସଦ ଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ ଏବଂ ନବରଙ୍ଗପୁର ବିଧାୟକ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ୧୦୦ ରୁ ଉର୍ଦ୍ଧ୍ୱ ପି ଏମ କିସାନ ହିତାଧିକାରୀ ଯୋଗଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଧିର ରଞ୍ଜନ ବେହେରା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବାବେଳେ ସଭାରେ ସି ଡି ଭି ଓ ରାଧେଶ୍ୟାମ ଲାଇକ,ଡି ଆଇ ପି ଆର୍ ଓ ମନୋଜ ବେହେରା, ଅତିରିକ୍ତ ଉପ ଜିଲ୍ଲାପାଳ ଶରତ ମାଝୀ,ଏ ଡି ଏଚ ଶୁଭେନ୍ଦୁ ବିଶ୍ୱାସ ଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ଗଣ ତଥା କୃଷି ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ଭାରତୀୟ ଜନତା ପାର୍ଟି ତିଆରି କଲା ତ୍ରୀଦେବ କମିଟି



ଯୋଡ଼ା ୧୩/୦୩/୨୬(ରବିନ୍ଦ୍ର ଖମଣିଆ)କେନ୍ଦୁଝର ଜିଲ୍ଲାରେ ଭାରତୀୟ ଜନତା ପାର୍ଟିର କେନ୍ଦୁଝର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଶୁକଦେବ ମହାନ୍ତ ମହୋଦୟଙ୍କ ଅନୁମୋଦନ କ୍ରମେ ଏବଂ ଗୁମୁରା ମଣ୍ଡଳ ସଭାପତି ଶ୍ରୀଯୁକ୍ତ ବୃନ୍ଦାବନ ମହାନ୍ତ ମହୋଦୟଙ୍କ ଘୋଷଣା କ୍ରମେ ୧୩/୦୩/୨୬ ରିଖ ଶୁକ୍ରବାର ଗୁମୁରା ମଣ୍ଡଳର ନୂତନ ଭାବେ ସମସ୍ତ ମୋର୍ଚ୍ଚା ସଭାପତି ତଥା - ୯ ଶକ୍ତି କେନ୍ଦ୍ରର ତ୍ରିଦେବ କମିଟି ଯଥା (ନାରଦପୁର, ଗୁମୁରା, ନିଶ୍ଚିନ୍ତପୁର, ନହବେଡା,ଖେଣ୍ଡରା, କୁଟୁଗାଁ, ମଲଦା, ବସନ୍ତପୁର ଓ ନୟାଗଡ) ର ଶକ୍ତି କେନ୍ଦ୍ର ପ୍ରମୁଖ, ସହ ପ୍ରମୁଖ ଓ ପ୍ରଭାରୀ ଙ୍କ ନାମ ଘୋଷଣା କରାଯାଇଛି। ଯୁବ ମୋର୍ଚ୍ଚା ସଭାପତି ଭାବେ ଗୁମୁରା ମଣ୍ଡଳର ଚର୍ଚ୍ଚିତ ଯୁବ ଚେହେରା ସମସ୍ତଙ୍କ ଅତି ପ୍ରିୟ ଏବଂ ସମସ୍ତଙ୍କ ସୁଖ ଦୁଃଖର ସାଥୀ ଶ୍ରୀ ଗଗନ କୁମାର ନାଏକ, ମହିଳା ମୋର୍ଚ୍ଚା ସଭାପତି ଭାବେ ଶ୍ରୀମତୀ ବିନୋଦିନୀ ନାଏକ , ଓବିସି ମୋର୍ଚ୍ଚା ସଭାପତି ଭାବେ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ସମସ୍ତଙ୍କର ପ୍ରିୟ ଶ୍ରୀଯୁକ୍ତ ନେତ୍ରାନନ୍ଦ ମହାନ୍ତ, କୃଷକ ମୋର୍ଚ୍ଚା ସଭାପତି ଭାବେ ଶ୍ରୀଯୁକ୍ତ ବିରଞ୍ଚି ପ୍ରଧାନ , ST ମୋର୍ଚ୍ଚା ସଭାପତି ଭାବେ ଶ୍ରୀଯୁକ୍ତ ପାଣ୍ଡୁ ପୂର୍ତ୍ତି , ଓ SC ମୋର୍ଚ୍ଚା ସଭାପତି ଭାବେ ଶ୍ରୀଯୁକ୍ତ ଦୁର୍ଯୋଧନ ପାତ୍ର ଙ୍କୁ ବିଶ୍ୱାସ ଭାଜନ କରି ମଣ୍ଡଳର ସଭାପତି ମହୋଦୟ ସମସ୍ତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଏଥିପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ଜିଲ୍ଲା ସଭାପତି ଓ ମଣ୍ଡଳ ସଭାପତି ମହୋଦୟଙ୍କୁ ମଣ୍ଡଳ ମୋର୍ଚ୍ଚା ଓ ଶକ୍ତିକେନ୍ଦ୍ର ତ୍ରିଦେବ ତରଫରୁ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ଏଲ୍ ପି ଜି ଗ୍ୟାସ ର ଅଚଳାବସ୍ଥା ବିରୋଧରେ ଜିଲା କଂଗ୍ରେସ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ଭବାନୀପାଟଣା/ ଏଲ୍ ପି ଜି ବା ରନ୍ଧନ ଗ୍ୟାସ୍ ଯୋଗାଣ ରେ ଦର ବୃଦ୍ଧି ଓ ଅଚଳାବସ୍ଥା ବିରୋଧରେ ଜିଲା କଂଗ୍ରେସ ଦଳ ସଭାପତି ଜଳନ୍ଧର ନାୟକ ଙ୍କ ନେତୃତ୍ୱରେ ନକଟିଗୁଡା ଛକ ସ୍ଥିତ ବାବା ସାହେବ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ନିକଟରେ ମୋଦୀ ସରକାର ଓ ଯୋଗାଣ ମନ୍ତ୍ରୀ ଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ଗ୍ୟାସ୍ ସିଲିଣ୍ଡର ଧରି ଇସ୍ତଫା ଦାବି କରିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ଉଚ୍ଛବ ସାହୁ, ଇନ୍ଦ୍ରଜିତ୍ ମହାକୁଡ,ଜୟଦେବ ଜେନା ,ସନ୍ତୋଷ ପ୍ରଧାନ ସରୋଜ ବାଗ, ମାଣିକ୍ୟ ସୁନା, ବାବା ଖାଁ, ମହମ୍ମଦ ସାହେବ, ମନ୍ଦାକିନୀ ବାଣୁଆ, ସୁକାନ୍ତି ସରାଫ,ମାର୍ଜିନା ପ୍ରଧାନ ମୁରଲୀ ନାୟକ, ନୀଳାଞ୍ଚଳ ନାୟକ, ସୁଦର୍ଶନ ବିଶ୍ୱାଳ, ସୁକାନ୍ତ ବିଶି ,ଭାଗବତ ବାବୁ, ରୋଜି ନାୟକ, ସୈଭାଗ୍ୟ ମଲିକ୍ ପ୍ରମୂଖ ମୋଦୀ ସରକାର ଙ୍କ ବିରୋଧରେ କଟୁ ସମାଲୋଚନା କରି ତାଙ୍କ ଇସ୍ତଫା ଦାବି କରିଥିଲେ। ସକାଳ 10 ଘଣ୍ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୋଦୀ ସରକାର ଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଯୋଗାଣ ମନ୍ତ୍ରୀ ଙ୍କ ଇସ୍ତଫା ଦାବି କରିବା ସହିତ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।ବିଷ୍ଣୁ ଚରଣ ସ୍ୱାଇଁ ଙ୍କ ରିପୋଟ

## ଜୋର ଧରିଛି କୋକସରା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି,ସମର୍ଥନର ସୁଅ ଛୁଟିଛି ଅଞ୍ଚଳରେ



କୋକସରା,୧୩।୩(ମନିସ) : ପ୍ରସାଦ ଗଜିନ୍ଦ୍ର ନାଗ, କଳାହାଣ୍ଡି ଜିଲ୍ଲାର କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ନିମନ୍ତେ ଶୁକ୍ରବାର ଗୋତମୁଣ୍ଡା ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗ୍ରାମ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆମପାଣି ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ମାଝୀ ସଭାପତିତ୍ୱ କରିଥିଲେ। ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, ଉପସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଦାସ ଗୁପ୍ତା, ତ୍ରିଭୁବନ ନାଏକ, ମହେନ୍ଦ୍ର ନେଗୀ, ପ୍ରମୋଦ ପ୍ରଧାନୀ, ଅଶୋକ କୁମାର ଦାସ, ଶ୍ରୀନିବାସ ପ୍ରଧାନୀ, ଶ୍ରୀମନ୍ତ ପାଢ଼ୀ, ସନତ କୁମାର ପ୍ରଧାନୀ, ରବିନାରାୟଣ ଦାସ, ଦୁଷ୍ମନ୍ତ କୁମାର ପାଟଯୋଷୀ, ସଞ୍ଜୀୟ କୁମାର ସିଙ୍ଗଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇ ଜନମତ ସଂଗ୍ରହ କରାଯାଇଥିଲା। ଜିଲ୍ଲାର ସର୍ବପୁରାତନ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ କୁ ପୁଣିଥରେ ଫେରେଇ ଆଣିବା ପାଇଁ ବୈଠକରେ ଉପସ୍ଥିତ ରହିଥିବା ଗୋତମୁଣ୍ଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ ସମେତ ବ୍ୟକ୍ତି ବିଶେଷ ସମସ୍ତଙ୍କ ସହଯୋଗ ରହିବା ସହ ଉକ୍ତ ଦାବିକୁ ସମର୍ଥନ ଦେଇଥିଲେ। ବୈଠକରେ ହିମାଚଳ ବିହାରୀ, ପୂର୍ଣ୍ଣଚନ୍ଦ୍ର ନାଏକ, ତୁଲାରାମ ଗୋପାଳ, ନିରଞ୍ଜନ ବାଗ, ମୁକୁନ୍ଦ ନାଗେଶ, ତୁଲସୀ ରାମ ବିହାରୀ, ଦ୍ରୋଣ ପୁଝାରୀ, ଅର୍ଜନ ଗୋପାଳ, ଭୁବନେଶ୍ୱର ପଟେଲ, କେଶବ ମାଝୀ, ସୁବାଷ ଖର୍ସେଲ, କୁଞ୍ଜ ବିହାରୀ ଶୋରୀ, ଉପେନ୍ଦ୍ର ଗୋପାଳ ସମେତ ଅଂଚଳର ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ।

## ପ୍ରତାପଗିରି ମନ୍ଦିର ଗୁପ୍ତଧନ ଲୁଟ୍: ସୁପରିକଳ୍ପିତ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍, ମାଷ୍ଟରମାଇଣ୍ଡ ଗୁରୁ ସହ ୫ ଗିରଫ



ଭବାନୀପାଟଣା , କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୁମୁଡ଼ାବାହାଲ ଗ୍ରାମର ପ୍ରାଚୀନ ପ୍ରତାପ ଗିରି (ବୁଢ଼ାରଜା-ଠାକୁରାଣୀ) ମନ୍ଦିରରୁ ଗୁପ୍ତଧନ ଲୁଟ୍ ଘଟଣାରେ ପୋଲିସ ବଡ଼ ସଫଳତା ପାଇଛି। ଏହି ସମ୍ବେଦନଶୀଳ ମାମଲାରେ କଲମପୁର ଥାନା ଦେପୁର ଗ୍ରାମର ଇଶାନ ଟେଣ୍ଟକାରୀଙ୍କୁ ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ କରିବା ସହ ତାଙ୍କର ୪ ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିର ପରିସରରେ ପ୍ରାଚୀନ ସମ୍ପତ୍ତି ଥିବା ନେଇ ଇଶାନ ଟେଣ୍ଟକାରୀ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇଥିଲେ। ଏହି ଗୁପ୍ତ ସମ୍ପତ୍ତି ହାତେଇବା ପାଇଁ ସେ ଏକ ସୁଚିନ୍ତିତ ପ୍ଲାନ୍ ପ୍ରସ୍ତୁତ କରିଥିଲେ। ସେ ଥୁଆମୂଳ ରାମପୁର ଅଞ୍ଚଳର କିଛି ସ୍ଥାନୀୟ ବ୍ୟକ୍ତିଙ୍କୁ ଏକଜୁଟ କରି ମନ୍ଦିରରୁ ବହୁମୂଲ୍ୟ ସମ୍ପତ୍ତି ଲୁଟି ନେବାରେ ସଫଳ ହୋଇଥିଲେ ବୋଲି ସନ୍ଦେହ କରାଯାଉଛି। ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ମୁଖ୍ୟ ଭାବେ ଇଶାନ ଟେଣ୍ଟକାରୀ (୩୯), ସ୍ୱର୍ଗତ ଅଚ୍ୟୁତାନନ୍ଦ ଟେଣ୍ଟକାରୀଙ୍କ ପୁଅ, ଦେପୁର ଗ୍ରାମର ଅଟନ୍ତି। ଏହାସହ ରିତେଶ ଧ. ମାଝୀ ଓରଫ ପିଟୁଡ଼ (୨୧), ପିତା ଦିଲ୍ଲୀପ ଧ. ମାଝୀ, ତାଳବନ୍ଧପଡ଼ାର ଅଟନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ରୋଶନ ବିଶି ଓରଫ ସତ୍ୟମ (୨୨), ପିତା ସନ୍ତୋଷ ବିଶି, ଥୁଆମୂଳ ରାମପୁର ଶିବ ମନ୍ଦିର ପଡ଼ାର; ଚନ୍ଦ୍ର ନାୟକ (୪୦), ପିତା ଯାଦୁ ନାୟକ, ଡ଼ାକକୋଟା ଗ୍ରାମର ଏବଂ ନବ କୁମାର ନାୟକ (୩୪), ପିତା ବିରସିଂ ନାୟକ, ଗୋପାଳପୁର ଗ୍ରାମର ରହିଛନ୍ତି। ଥୁଆମୂଳ ରାମପୁର ପୋଲିସ ମାମଲା ନମ୍ବର ୧୦/୨୬ ଅନୁଯାୟୀ BNS ର ବିଭିନ୍ନ କଠୋର ଧାରା ଲଗାଇ ଏହି ୫ ଜଣଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଲୁଟ୍ ହୋଇଥିବା ପ୍ରାଚୀନ ସମ୍ପତ୍ତି କେଉଁଠାରେ ଅଛି, ତାହା ପୋଲିସ ଏପର୍ଯ୍ୟନ୍ତ ଜବତ କରିପାରି ନାହିଁ। ତଦନ୍ତକାରୀ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ କହିବା ଅନୁସାରେ, ଏହି ଘଟଣାରେ ଆହୁରି ଅନେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି। ତେଣୁ, ଏହି ଗ୍ୟାଙ୍ଗ ସହ ଜଡ଼ିତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଜାଲ ବିଛାଇଛି। ମନ୍ଦିରର ଏହି ମୂଲ୍ୟବାନ ସମ୍ପତ୍ତି କେବେ ଉଦ୍ଧାର ହେବ ଏବଂ ପ୍ରକୃତ ଷଡ଼ଯନ୍ତ୍ରକାରୀମାନେ କେବେ ଆଇନର କାଠଗଡ଼ାରେ ଠିଆ ହେବେ, ତାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଜାରି ରହିଛି।ବିଷ୍ଣୁ ଚରଣ ସ୍ୱାଇଁ ଙ୍କ ରିପୋଟ

## ପୂର୍ବ ରାଗ ସୁଝାଇବାକୁ ଯୁବକ ଙ୍କ ଉନ୍ମୁକ୍ତ କାଣ୍ଡ, ପୋଖରୀ ଓ କୁଅ ରେ ବିଷ ପକାଇଥିବା ଅଭିଯୋଗ



କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ କାଉଡୋଳା ଗ୍ରାମ ଡ଼ଙ୍ଗରିପଡା ରେ ଥିବା ପୋଖରୀ ଓ କୁଆ ରେ ଜଣେ ଯୁବକ ପୂର୍ବ ରାଗ ସୁଝାଇବାକୁ କୀଟନାଶକ ଔଷଧ ପକାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ,କାଉଡୋଳା ଗ୍ରାମ ରୁ ବିବାହ କରିଥିବା ଝାର କୁଣ୍ଡାମାଲ ଗ୍ରାମ ର ଯୁବକ ରତ୍ନାକର ସରାଫ କିଛିମାସ ପୂର୍ବରୁ ନିଜର ବିବାହିତା ପତ୍ନୀ କୁ ନିର୍ଯ୍ୟାତନା ଦେଇ ଘରୁ ତଡିଦେବାରୁ ସେ ନିଜ ବାପ ଘର କାଉଡୋଳା ରେ ରହୁଥିଲେ, ତେବେ ଏହି ଘଟଣା ରେ ରତ୍ନାକର ଉତକ୍ଷିପ୍ତ ହୋଇ କିଛି ମାସ ପୂର୍ବେ ଯୁବକ ନିଜ ଶ୍ୱଶୁର ଘର କୁ ଆସି ପଡୋଶୀ ଙ୍କ ବାଇକ କୁ ପୋଡି ଦେବାସହ ଜେଲ ଯାଇଥିଲେ ଓ ପଡ଼ାବାସୀ ଙ୍କୁ ଧମକ ଦେଇଥିଲେ । ।ଘଟଣା ସ୍ଥଳରେ ଧର୍ମଗଡ଼ ଉପଖଣ୍ଡ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେବେ ଶୁକ୍ରବାର କାଉଡୋଳା ଗ୍ରାମ ଡ଼ଙ୍ଗରି ପଡା ରେ ଥିବା ନଦୀ, ପୋଖରୀ କୁଆ ରେ ସମ୍ପୃକ୍ତ ଯୁବକ କୀଟନାଶକ ପକାଇଥିବା ଅଭିଯୋଗ ହୋଇଛି।ଫଳରେ ପୋଖରୀ ରେ ମାଛ ମଡକ ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ମହିଳା ମାନେ ଯୁବକ ଏହି କାର୍ଯ୍ୟ କରିଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଜଣେ ସାମ୍ବାଦିକ ଓ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ପୋଲିସ ଅଧିକାରୀ ସୁଶ୍ରୀ ଭର୍ସୀତା ଅଡ଼େପୁ,କୋକସରା ପୋଲିସ, ଆମପାଣି ପୋଲିସ ଏବଂ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ।ପୋଲିସ ପାରିପାର୍ଶ୍ୱିକ ତଦନ୍ତ ଆରମ୍ଭ କରି ସ୍ଥିତି ଅନୁଧ୍ୟାନ କରିଥିଲେ।ଗ୍ରାମବାସୀ ପକ୍ଷରୁ ସମ୍ପୃକ୍ତ ଯୁବକ କୁ ଗିରଫ ଦାବି କରିଥିବା ବେଳେ ଉପଖଣ୍ଡ ପୋଲିସ ଅଧିକାରୀ ଲୋକଙ୍କୁ ବୁଝାଶୁଝା କରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

ବିଦ୍ୟାଧର ସାହୁଙ୍କ ରିପୋର୍ଟ....

## ଜନୈକ ଆଦିବାସୀ ନାବାଳିକାକୁ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ଅସଦାଚରଣ ମାମଲାରେ ଗ୍ରାମବାସୀଙ୍କ ରାସ୍ତାରୋକ



ଗତ ୧୨ ତାରିଖ ଗୁରୁବାର ଅପରାହ୍ନରେ ତିରିଂ ଥାନା ଅନ୍ତର୍ଗତ ବିଞ୍ଝୁଆ ଗ୍ରାମର ଜନୈକ ନାବାଳିକାକୁ ଜନୈକ ସଂଖ୍ୟାଲଘୁ ଯୁବକର ଅସଦାଚାରଣ ମାମଲା ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ବିଶୋଇ ଥାନା ଅନ୍ତର୍ଗତ ମହୁ ଭଣ୍ଡାର ନିକଟସ୍ଥ ବାଉତିବେଡା ଗ୍ରାମର ମେଘରାୟ ବାସ୍କେଙ୍କ ନାବାଳିକା ଝିଅ ନିଜ ମାମୁଁଙ୍କ ବିଞ୍ଝୁଆ ନିକଟସ୍ଥ ସୁନାପୋଷି ରାଜସ୍ୱ ଗ୍ରାମର ଇଛାଘୁଟୁ ପଡାଗ୍ରାମକୁ ବାହାପର୍ବ ପାଇଁ ଆସିଥିଲେ । ତେବେ ବିଞ୍ଝୁଆ ଜନସେବା କେନ୍ଦ୍ରରୁ ଟଙ୍କା ଉଠାଇ ଫେରୁଥିବା ସମୟରେ ଗାଁ ମୁଣ୍ଡରେ ଥିବା ସ୍କୁଲ ପାଖ ରାସ୍ତାରେ ଏକୁଟିଆ ଯାଉଥିବାବେଳେ ବିଞ୍ଝୁଆ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ସେକ୍ ଇସମାଇଲଙ୍କ ପୁଅ ସେକ୍ସ ଛୋଟୁ ନାବାଳିକାକୁ ଅସଦାଚାରଣ ଉଦ୍ୟମ କରିଥିଲେ ।ନାବାଳିକା ଭୟରେ ପାଟିତୁଣ୍ଡ କରିବାରୁ ଗାଁ ଲୋକେ ଦୌଡ଼ି ଆସିଲା ବେଳକୁ ସାମାନ୍ୟ ଯୁବକ ପ୍ରାଣ ବିକଳରେ ଖସି ପଳାଇଥିଲା ।ଗ୍ରାମ ଲୋକେ ଉତ୍ୟକ୍ତ ହୋଇଆସାମୀଙ୍କୁ ଘର ଉପରେ ଆକ୍ରମଣ କରିଥିଲେ ।ଖବର ପାଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ରାଇରଙ୍ଗପୁର ଏସଡିପିଓ ବୀରେନ୍ଦ୍ର ସେନାପତି ପୋଲିସ ଟିମ୍ ପହଞ୍ଚି ରାତି ତମାମ ଗାଁରେ ଜଗି ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।ଆଜି ସକାଳୁ ମଧ ଗ୍ରାମବାସୀଙ୍କ ସହ ପୋଲିସର ମିମାଂସା ହୋଇ ପାରି ନ ଥିଲା । ଆଜି ସକାଳୁ ଦୁଇଟି ଗ୍ରାମର ଶତାଧିକ ଲୋକେ ବହଳଦା ବାଇପାସ୍ ୨୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ସେମାନଙ୍କ ଦାବି ମୁଖ୍ୟ ଆସାମୀକୁ ସେମାନଙ୍କୁ ପାଖକୁ ଅଣାଯାଉ ।ରାସ୍ତା ଅବରୋଧ ସମୟରେ ପୋଲିସ ତରଫରୁ କିଛି ଯୁବକଙ୍କ ଉପରେ ଲାଠିମାଡ ହୋଇଥିଲା ଯାହାକୁ ନେଇ ଉତ୍ୟକ୍ତ ଗ୍ରାମବାସୀ ସଂଘବଦ୍ଧ ଭାବେ ପୋଲିସଙ୍କ ଉପରେ ପଥରବାଜି ଓ ଆକ୍ରମଣ କରିଥିଲେ ।୧୨ ରୁ ଉର୍ଦ୍ଧ ପୋଲିସ ଆହତ ସୋଇଥିବାବେଳେ ୩ ଜଣ ପୋଲିସ ଗୁରୁତର ହୋଇଥିଲେ ।ମାଜିଷ୍ଟ୍ରେଟ ବହଳଦା ତହସିଲଦାରଙ୍କ ଗାଡିକୁ ଭଙ୍ଗାରୁଜା କରିବା ସହ ଓଲଟାଇ ଦେଇଥିଲେ ।ଖବର ପାଇ ବାରିପଦାର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ ,ପ୍ରଶାସନିକ ଅଧିକାରୀ ,୨ ପ୍ଲାଟୁନ ପୋଲିସ ଘଟଣସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।ପିଡିତା ଲିଖିତ ଅଭିଯୋଗ ସହ ଏକ କେଶ ମାମଲା ୪୦/୨୬ ରୁଜୁ କରିଥିଲା । ପୋଲିସ ଗାଁରେ ଫ୍ଲାଗ ମାର୍ଚ କରିବା ସହ ୩୮ ଜଣଙ୍କୁ ଉଠାଇ ତଦନ୍ତ କରୁଛି ।ମାସେ ହେଲା ତିରିଂ ଥାନା ବହଳଦା ଅଞ୍ଚଳରେ ଅରାଜକତା ବଢ଼ି ଚାଲିଛି । ଡାହାଣୀ ସନ୍ଦେହରେଜଣେ ବୃଦ୍ଧା ଙ୍କୁ ହତ୍ୟା, ଛେଳିଚୋରୀ ମାମଲାରେ ନାବାଳକକୁ ହତ୍ୟା ଏବଂ ଆଜି ନାବାଳିକାଅସଦାଚରମାମଲାରେ ପୋଲିସ ଏବଂଗ୍ରାମବାସୀଙ୍କ ମଧ୍ୟରେ ମାରପିଟ୍ ଇତ୍ୟାଦି ।ଯାହାକୁ ନେଇ ସାଧାରଣରେ ଭୟ ସୃଷ୍ଟି ହୋଇଛି ।ରାଇରଙ୍ଗପୁର ରୁ ଅକ୍ଷୟ ବିଶ୍ୱାଳ

## ଆୟକର ଆଇନ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ



ରାଉରକେଲା: ରାଉରକେଲା ଚାପ୍ଟର ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଦ୍ୱାରା ଆୟୋଜିତ ନୂତନ ଆୟକର ଆଇନ ୨୦୨୫ ଉପରେ ଏକ ଜନସଚେତନତା କାର୍ଯ୍ୟକ୍ରମ ରାଉରକେଲା କ୍ଲବ୍ ଠାରେ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ (ICMAI), ରାଉରକେଲା ଚାପ୍ଟର ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଏବଂ ଆୟକର ବିଭାଗର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ବୃତ୍ତିଗତ, ଶିଳ୍ପ ପ୍ରତିନିଧି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଆୟକର ଢାଞ୍ଚାର ବ୍ୟବସ୍ଥା ସମ୍ପର୍କରେ ସଚେତନତା ଏବଂ ବୁଝାମଣା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ଆଇଆରଏସ୍, ଆୟକର ଅତିରିକ୍ତ କମିଶନର ରାଧେଶ୍ୟାମ ଜାଜୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସିଏମ୍ଏ ଏ.କେ. ସାହୁ, ମୁଖ୍ୟ ମହାପ୍ରବନ୍ଧକ (ପ୍ରୋଜେକ୍ଟ ବାଣିଜ୍ୟିକ), ଆରଏସପି, ସିଏମ୍ଏ ବି.ବି. ନାୟକ, ଆଇସିଏମ୍ଏଆଇର ପୂର୍ବତନ ଅଧ୍ୟକ୍ଷ ଏବଂ ସିଏମ୍ଏ ଆରତୀ ଗାଙ୍ଗୁଲି, ପୂର୍ବ ଭାରତ ଆଞ୍ଚଳିକ ପରିଷଦ (EIRC)ର ଅଧ୍ୟକ୍ଷ, ବିଶେଷ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ରାଉରକେଲା ଚାପ୍ଟରର ଅଧ୍ୟକ୍ଷ CMA ଡକ୍ଟର ଗିରିଜା ଶଙ୍କର ଦାସ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯେଉଁମାନେ ଅଂଶୀଦାରମାନଙ୍କ ମଧ୍ୟରେ ବୃତ୍ତିଗତ ସଚେତନତାକୁ ସୁଦୃଢ଼ କରିବା ଏବଂ ଟିକସ ଅନୁପାଳନକୁ ଉନ୍ନତ କରିବାରେ ଏହିପରି ପ୍ରସାରଣ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ସମାବେଶକୁ ସମ୍ବୋଧିତ କରି, ଆୟକର ଅତିରିକ୍ତ କମିଶନର ଶ୍ରୀ ଜାଜୁ ଗୁରୁତ୍ୱାରୋପ କରିଥିଲେ ଯେ ନୂତନ ଟିକସ ଢାଞ୍ଚା ଅନୁପାଳନକୁ ସରଳ କରିବା ଏବଂ କର ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ କରଦାତା-ଅନୁକୂଳ କରିବା ଲକ୍ଷ୍ୟ ରଖିଛି। ଶିଳ୍ପ, ବୃତ୍ତିଗତ ଏବଂ ଟିକସ ପ୍ରଶାସନ ମଧ୍ୟରେ ପାରସ୍ପରିକ କ୍ରିୟା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରିବାରେ ବୃତ୍ତିଗତ ସଂସ୍ଥାର ପଦକ୍ଷେପକୁ ସମ୍ମାନିତ କରିଥିଲେ। CMA ବିଭୁତି ଭୁଷଣ ନାୟକ ଭାରତର କଷ୍ଟ ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନ ଦ୍ୱାରା ଏହାର ପ୍ରସାର ପଦକ୍ଷେପରେ ସରକାରଙ୍କ ସହଭାଗୀତା କରିବାରେ ସକ୍ରିୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ମୂଲ୍ୟ ଏବଂ ପରିଚାଳନା ଆକାଉଣ୍ଟିଂ କ୍ଷେତ୍ରରେ ଏକ ପ୍ରମୁଖ ବୃତ୍ତିଗତ ସଂସ୍ଥା ଭାବରେ, ପ୍ରତିଷ୍ଠାନ କୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଥିବା ପ୍ରୟାସକୁ ନିରନ୍ତର ସମର୍ଥନ କରିଆସିଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ଭାରତର ଆୟକର ବିଭାଗ ସହିତ ଏପରି ସହଯୋଗୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଷ୍ଠାନ ବୃତ୍ତିଗତ,ଶିଳ୍ପ ପ୍ରତିନିଧି ଏବଂ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କ୍ଷମତା ନିର୍ମାଣରେ ଯୋଗଦାନ ଦେଉଛି, ଯାହାଫଳରେ ନୂତନ ଟିକସ ଢାଞ୍ଚାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟରେ ସାହାଯ୍ୟ କରୁଛି। ଟେକ୍ନିକାଲ ଅଧିବେଶନ ଗୁଡ଼ିକରେ ବିଶିଷ୍ଟ ବକ୍ତାମାନେ ଯୋଗଦେଇ ଥିଲେ, ଯେଉଁମାନେ ନୂତନ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସହାୟକ ଆୟକର କମିଶନର ସୁମନ ଦେବରାୟ ନୂତନ ଆଇନର ଏକ ସାରାଂଶ ଉପସ୍ଥାପନ କରିଥିଲେ। ରାଉରକେଲା ଇସ୍ପାତ କାରଖାନା ର ଡ଼ିଜିଏମ୍ ( ଏଫ ଆଣ୍ଡ ଏ) ସିଏମଏ କୃଷ୍ଣ କୁମାର ବର୍ମା ଟିଡିଏସ ଏବଂ ଟିସିଏସ୍ ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ସିଏମଏ ଅବିନାଶ କୋଟନୀ ନୂତନ ଏବଂ ବିଦ୍ୟମାନ ଆୟକର ଆଇନ ମଧ୍ୟରେ ପ୍ରମୁଖ ପାର୍ଥକ୍ୟ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିବାବେଳେ ସିଏମଏ ସୁଧାଂଶୁ କୁମାର ସାହୁ ଟିକସ ଅନୁପାଳନ ଏବଂ ଟିକସ ପ୍ରଶାସନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସମ୍ପ୍ରତି ସିଏମଏ ଫାଇନାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୭ ଜଣ ସଫଳ ପ୍ରାର୍ଥୀ ଲକ୍ଷ୍ମୀ ପଣ୍ଡିତ, ପଲ୍ଲବୀ ଜୈନ୍,ସେଜଲ ପ୍ରଜାପତି, ନିଶାଲ ନାଗ୍,ଅନୁଜ ସିଂ,ସୁରଜ ରାଜ, ଏମଡି ସଲେନ ଙ୍କୁ ସେମାନଙ୍କ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର, ବୃତ୍ତିଗତ ସଦସ୍ୟ , ରାଉରକେଲା ଇସ୍ପାତ କାରଖାନା,ଏନଏସପିସିଏଲ ପ୍ରତିନିଧି ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନର ଶତାଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଶେଷରେ ସିଏମଏ ଏସ ସି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ ଦାସ, ଉପାଧ୍ୟକ୍ଷ ଏସ ସି ସାହୁ, ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ପି ସି ସାହୁ,ଏନ କେ ରାଓ,ଆର ସି କସ୍ତା,ପପୁ କୁମାର,ଏନ୍ କେ ନନ୍ଦ ପ୍ରମୁଖ ସିଏମଏ ମାନେ ସହଯୋଗ କରିଥିଲାବେଳେ ଛାତ୍ରୀ ସ୍ମୃତି ପଣ୍ଡିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୫

ମସିହା

www.masiha.in

# ଦୁଇ ଭିନ୍ନ ଦେଶ

ଚାଇନା ଓ ଭାରତକୁ ବହୁ ସମୟରେ ରାଜନୈତିକ ରୂପେ ସ୍ୱତନ୍ତ୍ର ତଥା ବିକାଶଶୀଳ ଦେଶ ଭାବେ ତୁଳନା କରାଯାଏ। ତାହା ଭ୍ରମାତ୍ମକ। ଚାଇନା ହେଉଛି ସର୍ବ୍ୱପ୍ରଥମ ଓ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଦେଶ, ଯାହା ଏକ ସଭ୍ୟତାକୁ ଗ୍ରହଣ କରିଥିଲା। ଭାରତର ସର୍ବ୍ୱପ୍ରଥମେ ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଭ୍ୟତା ଥିଲା, ଯାହା ଏଯାବତ୍ ଏକ ଭଲ ବ୍ୟବସ୍ଥା ଗଢ଼ିବାକୁ ସଂଗ୍ରାମ କରୁଛି।ଏକ ଦୀର୍ଘ ଅସ୍ତିତ୍ୱଗତ ସଂଘର୍ଷରୁ ସୃଷ୍ଟି ହୋଇଛି ଚାଇନା। ପାଖାପାଖି ପାଞ୍ଚ ଶତାବ୍ଦୀ ଧରି ଖ୍ରୀଷ୍ଟପୂର୍ବ୍ୱ ୪୭୫ରୁ ୨୨୧ ମଧ୍ୟରେ ଅନେକ ସାମ୍ରାଜ୍ୟ ଲଢ଼େଇ କରି ପୁନର୍ଗଠନ ଓ ସଂସ୍କାର ଆଣିଥିଲେ । ସେମାନଙ୍କ ପତନ ଘଟିଥିଲା ଏବଂ ପରେ ଆଉ ଏକ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ସେହି ଅସ୍ତିତ୍ୱଗତ ଲଢ଼େଇ ମଧ୍ୟରୁ ନ୍ୟାୟ ଓ ଯୋଗ୍ୟତା ଆଧାରିତ କିନ୍ ( କିନ୍ ସାମ୍ରାଜ୍ୟ)ସିଦ୍ଧାନ୍ତ ସାମ୍ନାକୁ ଆସିଥିଲା। ଏହି ସମୟରେ ରାଜ୍ୟକୁ ଭାଗ ଭାଗ କରି ପ୍ରଶାସନିକ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଗଭର୍ନରମାନେ ବି ଯୋଗ୍ୟତାଭିତ୍ତିରେ ନିଯୁକ୍ତ ହୋଇଥିଲେ। ସେନା ଗଠନ କରାଯାଇ ତାହାର ବିକାଶ କରାଯାଇଥିଲା। ସରକାରୀ ଆଦେଶ ବଳରେ ଗଣନା, ଲେଖା, ମୁଦ୍ରା, ରାସ୍ତା, କେନାଲ, ଶସ୍ୟଭଣ୍ଡାର ଇତ୍ୟାଦିର ଏକୀକରଣ କରାଯାଇଥିଲା।କିନ୍ ସାମ୍ରାଜ୍ୟ ଦୀର୍ଘଦିନ ତିଷ୍ଠି ରହି ନ ଥିଲେ ମଧ୍ୟ ତାହାର ବ୍ୟବସ୍ଥାଗତ ଗଠନ ରହିଥିଲା। କିନ୍ ସାମ୍ରାଜ୍ୟର ପତନ ପରେ ହାନ୍ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ତା'ପର ସାମ୍ରାଜ୍ୟଗୁଡ଼ିକ ନ୍ୟାୟିକ ଯୋଗ୍ୟତା ଏବଂ କନ୍‌ଫୁସିୟସ୍ ବିଚାରଧାରା ମଧ୍ୟରେ ଦୋଦୁଲ୍ୟମାନ ସ୍ଥିତିରେ ରହିଥିଲେ। କନ୍‌ଫୁସିୟସ୍ ସିଦ୍ଧାନ୍ତ ପରିବାରକୁ ଅଧିକ ଗୁରୁତ୍ୱ ଦେବା ସହ ନୈତିକ ଆଧାରରେ ପରିବାରକୁ ନେଇ ରାଜ୍ୟକୁ ଆଗକୁ ବଢ଼ାଉଥିଲା। ଅନ୍ୟ ପଟେ ବୈଧତା ସୂଚିତ କରୁଥିଲା ଯେ, ଦେଶର ଯଥା ଆଇନ, ଅମଲାତନ୍ତ୍ର, ପରୀକ୍ଷା ଏବଂ ଯୋଗ୍ୟତାଭିତ୍ତିରେ ପଦୋନ୍ନତିକୁ ନେଇ ନିଜସ୍ୱ ସିଦ୍ଧାନ୍ତ ରହିଥିଲା। ତା'ପରେ ସାମ୍ରାଜ୍ଞୀ ବୁ ଙ୍କ ଶାସନ ପରିବାରଗୁଡ଼ିକଠାରୁ ଦୂରେଇ ଯାଇଥିଲା। ଏହା ସହ ରାଜବଂଶର ଷଡ଼ଯନ୍ତ୍ର ଓ ବହୁ ସ୍ତ୍ରୀ ଗ୍ରହଣ କରିବାର ଅତ୍ୟଧିକ ଆଗ୍ରହ ଯୋଗୁ ଦରବାରୀ ରାଜନୀତି କ୍ରମେ କ୍ଷୀଣ ହୋଇଯାଇଥିଲା। ପରେ ମିଙ୍ଗ୍ ରାଜଶାସନରେ କ୍ଷମତାଶାଳୀ ପ୍ରଭାବହୀନ ରାଜସେବକ ଏବଂ ସେମାନଙ୍କ ଗୁପ୍ତ ନୀତି ଯୋଗୁ ଏହା ଏକ ଭୟର ବ୍ୟବସ୍ଥା ପାଲଟିଯାଇଥିଲା। ତେବେ ଏହିସବୁ ପରବର୍ତ୍ତନ ମଧ୍ୟରେ ଚାଇନା ଏକ ହୋଇ ରହିବାର ଧାରଣା ସ୍ଥିର ରହିଥିଲା। ଏକକ ଶାସନ ବ୍ୟବସ୍ଥାରେ ଅନେକ ଯୁଦ୍ଧ, ଓ୍ୱାଲ, କେନାଲ, ଡ୍ୟାମ୍ ଏବଂ ସ୍ପିଡ୍ ଟ୍ରେନ୍ ପାଇଁ ଅନେକ କୋଟି ଚାଇନିଜଙ୍କୁ ଏକାଠି କରିବାର କ୍ଷମତା ରଖିଥିଲା।ଏହା ଏକ ବିଚିତ୍ର ଶକ୍ତି ହେଲେ ବି ବିଚିତ୍ର ଦୁର୍ବ୍ୱଳତା ସୃଷ୍ଟି କରିଥିଲା। ଚାଇନା ସରକାର ପାହାଡ଼କୁ ହଟାଇ ପାରେ, ନଦୀର ଗତିପଥ ବଦଳାଇଦେଇ ପାରେ ଏବଂ ସବୁ ସହରର ସ୍ଥାନାନ୍ତରଣ କରିଦେଇ ପାରେ। କ୍ଷମତା ଶୀର୍ଷରେ ରହେ ଏବଂ ତଳଆଡ଼କୁ ଯାଏ। ଯଦି ଉତ୍ତରଦାୟିତ୍ୱ କିଛି ରହିଛି, ତାହା ଶାସନ ବ୍ୟବସ୍ଥାରେ ଶୀଷରେ ରହିଛି। ତେବେ ସମ୍ରାଟ, ପାର୍ଟି, ଅମଲାତନ୍ତ୍ର ନିଜକୁ ଠିକ୍ ରଖି ଶାସନ କରିବେ ବୋଲି ନାଗରିକଙ୍କର ପ୍ରାୟତଃ ବିଶ୍ୱାସ ରହିଥାଏ।

# ତିରୁପତିରେ ଉତ୍କଳ ପୀଠ

ବିଶ୍ୱରେ ଅନେକ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଅଛି। ତେବେ ମହାପ୍ରଭୁଙ୍କ ସଂସ୍କୃତି ଉପରେ ଗବେଷଣା ପାଇଁ ସୁଦୂର ଆନ୍ଧ୍ରପ୍ରଦେଶର ତିରୁପତି ନଗରରେ ଏକ ଉତ୍କଳ ପୀଠ ପ୍ରତିଷ୍ଠାପିତ ହୋଇଛି। ତିରୁପତିସ୍ଥିତ ଶ୍ରୀଭେଙ୍କଟେଶ୍ୱର ବାଲାଜୀଙ୍କ ଦିବ୍ୟ କ୍ଷେତ୍ରରେ ଥିବା ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠାପିତ ଏହି ଉତ୍କଳ ପୀଠ ଆମ ରାଜ୍ୟର ଗୌରବଗାଥାର ଅନ୍ୟ ଏକ କିମ୍ବଦନ୍ତୀ।୧୯୯୮ରେ ଓଡ଼ିଶାର ତତ୍କାଳୀନ ସରକାର ସଂକଳ୍ପ ନେଇଥିଲେ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି ଏବଂ ସାହିତ୍ୟ ଦିଗନ୍ତବିସ୍ତାରୀ ହେଉ। ସରକାର ଏହି ଲକ୍ଷ୍ୟ ନେଇ ବିଦ୍ୱାନମାନଙ୍କ ପରାମର୍ଶରୁ ଜାଣିପାରିଲେ ତିରୁପତି ଶ୍ରୀଭେଙ୍କଟେଶ୍ୱର କ୍ଷେତ୍ରରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠାପିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକ ବିଶେଷ ଶାସ୍ତ୍ର ଅଧ୍ୟୟନ କେନ୍ଦ୍ରର ମାନ୍ୟତା ପାଇ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୯୫୭ ଭାରତ ସରକାରଙ୍କ ଦ୍ୱାରା ନିୟୋଜିତ ପ୍ରଥମ ସଂସ୍କୃତ କଣିସନର ସୁପାରିସ କ୍ରମେ ୧୯୬୨ ଜାନୁଆରୀ ୪ରେ ଭାରତର ତତ୍କାଳୀନ ଉପ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର କରକମଳରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଏକ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଶ୍ୱବିଦ୍ୟାଳୟର ମହତ୍ତ୍ୱକୁ ଜାଣିବାପରେ ଓଡ଼ିଶା ସରକାରଙ୍କ ଦ୍ୱାରା ୫୦ ଲକ୍ଷ ଟଙ୍କାର ଧନରାଶି ପ୍ରଦାନ କରି ତା'ପରିସରରେ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି, କବି ଜୟଦେବ ପ୍ରଣୀତ ଶ୍ରୀଗୀତଗୋବିନ୍ଦର ସାହିତ୍ୟ ଏବଂ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଶ୍ରୀଚୈତନ୍ୟଙ୍କର ଦର୍ଶନ ଉପରେ ବିଶେଷ ଗବେଷଣା କରି ଓଡ଼ିଶାର ସଂସ୍କୃତିକୁ ବିଶ୍ୱସ୍ତରୀୟ କରିବା ପାଇଁ ପଦକ୍ଷେପ ନେଇଥିଲେ। ସରକାର ପ୍ରଦାନ କରିଥିବା ଧନରାଶି ମୂଳ ପାଣ୍ଠି ଭାବରେ ସୁରକ୍ଷିତ ଅଛି ଏବଂ ତାହାର ବ୍ୟାଙ୍କ ସୁଧ ଟଙ୍କାରେ ଗବେଷଣା କାର୍ଯ୍ୟ ସୁଚାରୁ ସମ୍ପାଦନ ହେଉଛି। ଉତ୍କଳ ପୀଠ ବା ଓଡ଼ିଶା ଚେୟାର ନାମରେ ପ୍ରତିଷ୍ଠାପିତ ଏହି ବିଶେଷ ଗବେଷଣା ଅନୁଷ୍ଠାନ ଆନୁଷ୍ଠାନିକ ଭାବରେ ୧୫ ଅକ୍ଟୋବର ୨୦୦୦ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ତତ୍କାଳୀନ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ରଙ୍କ କରକମଳରେ ଉଦ୍‌ଘାଟିତ ହେଲା। ସୌଭାଗ୍ୟକୁ ଜଷ୍ଟିସ ମିଶ୍ର ସେତେବେଳେ ଭାରତ ସରକାରଙ୍କର କେନ୍ଦ୍ରୀୟ ସଂସ୍କୃତ ଅଧ୍ୟୟନ ବୋର୍ଡର ସଭାପତି ରହିଥିଲେ। ଏହାପରେ ଉତ୍କଳପୀଠ ଭବ୍ୟତାର ସହିତ ଗବେଷଣା, ଅଧ୍ୟୟନ ଏବଂ ଅଧ୍ୟାପନାରେ ଆଗେଇଚାଲିଛି ଆଜିପର୍ଯ୍ୟନ୍ତ। ଏହି ପୀଠ ଶ୍ରୀଜଗନ୍ନାଥ, ଶ୍ରୀଜୟଦେବ ଏବଂ ଶ୍ରୀଚୈତନ୍ୟଙ୍କର ବୈଭବକୁ ନେଇ ଅନେକ ଦୁର୍ଲଭ ତାଳପତ୍ର ପୋଥିର ପ୍ରକାଶନ କରିବା ସହିତ ପ୍ରତିବର୍ଷ ଜାତୀୟ ସ୍ତରରେ ସମ୍ମାନ ଏବଂ ବ୍ୟାଖ୍ୟାନମାଳା ଆୟୋଜନ କରି ବିବିଧ ଗବେଷଣା ସମ୍ବନ୍ଧ ପୁସ୍ତକ ପ୍ରକାଶନ କରିଆସୁଛି।ଶ୍ରୀଜଗନ୍ନାଥଙ୍କର ପୌରାଣିକ ସାହିତ୍ୟ, ଶ୍ରୀଗୀତଗୋବିନ୍ଦର ସର୍ବାଙ୍ଗସୁନ୍ଦରୀ

ଏବଂ ଦକ୍ଷିଣ ଭାରତର ସମ୍ପର୍କ ଇତ୍ୟାଦି ଅତ୍ୟନ୍ତ ଦୁର୍ଲଭ ଗବେଷଣା କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରି ଉତ୍କଳ ପୀଠ କେବଳ ଦକ୍ଷିଣ ଭାରତ ଏବଂ ଓଡ଼ିଶାର ବିଦ୍ୱାନଙ୍କ ପାଖରେ ପରିଚିତ ହୋଇନାହିଁ ସମଗ୍ର ବିଶ୍ୱରେ ଗବେଷଣା କ୍ଷେତ୍ରରେ ଏକ ପାଦ ଆଗକୁ ଯାଇପାରିଛି। ବିଶେଷତଃ ଓଡ଼ିଶାର ଶିକ୍ଷାବିତ୍ ପ୍ରଫେସର୍ ହରେକୃଷ୍ଣ ଶତପଥୀ ଯେତେବେଳେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ନେଲେ ଉତ୍କଳପୀଠ ଏକ ସ୍ୱର୍ଣ୍ଣିମ ସମୟ ଦେଇ ଗତିକଲା। ପ୍ରଫେସର୍ ଶତପଥୀ ଓଡ଼ିଶାର ସମ୍ମାନକୁ ରକ୍ଷା କରି ଏହି ପୀଠର ଉନ୍ନତି ପାଇଁ ଚେଷ୍ଟା କରିଛନ୍ତି। ଏହା ସହ ତିରୁପତିର ଭବ୍ୟ ଉତ୍କଳପୀଠର ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ କୁଳପତିମାନେ ମଧ୍ୟ ଚେଷ୍ଟା କରିଛନ୍ତି। ଏହି କ୍ରମରେ ଏକ ବିଶେଷ ବୈଶିଷ୍ଟ୍ୟ ହେଉଛି ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହୋଇଥିବାରୁ ଜାତୀୟ ସ୍ତରର ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦୀର୍ଘ ବର୍ଷ ଧରି ଅନେକ ଉତ୍କଳୀୟ ଛାତ୍ରୀଛାତ୍ର ପ୍ରତିବର୍ଷ ଏଠାରେ ଅଧ୍ୟୟନ କରିବାର ସୁଯୋଗ ପାଉଛନ୍ତି। ତତ୍‌ସହିତ ଏହି ବିଶ୍ୱବିଦ୍ୟାଳୟରେ ଅଧାପକ ଭାବରେ ନିଯୁକ୍ତି ପାଇବାରେ ମଧ୍ୟ ଓଡ଼ିଶାର ବିଦ୍ୱାନମାନେ ସ୍ଥାନ ଗ୍ରହଣ କରିପାରିଛନ୍ତି। ଏହି ସମସ୍ତ ଉତ୍କଳୀୟମାନେ ଏକ ପରିବାର ସଦୃଶ ଉତ୍କଳପୀଠରେ ଏକତ୍ରିତ ହୋଇ ଉତ୍କଳ ଦିବସ, ନୂଆଁଖାଇ, ଦୋଳପୂର୍ଣ୍ଣିମା, ହୋଲି, ଦଶହରା ଇତ୍ୟାଦି ଓଡ଼ିଶାର ପର୍ବପର୍ବାଣିକୁ ପାଳନ କରନ୍ତି।ଅନ୍ୟ ଏକ ସୁଖଦ ସମାଚାର ଆମ ରାଜ୍ୟର ଐତିହ୍ୟକୁ ବଳିଷ୍ଠ କରେ ତାହା ହେଲା, ବିଶ୍ୱବିଦ୍ୟାଳରେ ପ୍ରତିଷ୍ଠାପିତ ଶ୍ରୀଜଗନ୍ନାଥଙ୍କର ଭବ୍ୟ ମନ୍ଦିର। ଏହି ମନ୍ଦିର ସଂଲଗ୍ନ ଚାରିଗୋଟି ସର୍ବବିଧ ସୌବିଧ ଥିବା ପ୍ରକୋଷ୍ଠରେ ବର୍ତ୍ତମାନ ଉତ୍କଳପୀଠର କାର୍ଯ୍ୟାଳୟ ପ୍ରତିଷ୍ଠିତ। ଉତ୍କଳପୀଠର ନିର୍ଦ୍ଦେଶକ ଭାବରେ ଅନେକ ଦକ୍ଷିଣ ଭାରତୀୟ ବିଦ୍ୱାନ ଯଥା ପ୍ରଫେସର୍ ଆର୍ ଦେବନାଥନ, ପ୍ରଫେସର୍ ଜେ ରାମକୃଷ୍ଣ ପ୍ରଭୃତି କାର୍ଯ୍ୟକରି ଓଡ଼ିଶାର ସାହିତ୍ୟ ଏବଂ ସଂସ୍କୃତିକୁ ସମ୍ମାନ ଦେଇଛନ୍ତି। ପରବର୍ତ୍ତୀ କାଳରେ ପ୍ରଫେସର୍ ରାଧାଗୋବିନ୍ଦ ତ୍ରିପାଠୀ ନିର୍ଦ୍ଦେଶକ ଥିବା ସମୟରେ ଉତ୍କଳପୀଠକୁ ବ୍ୟବସ୍ଥିତ କରି ବିଦ୍ୱାନଙ୍କୁ ସମ୍ମାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତତଃପରଂ ପ୍ରଫେସର୍ ନିରଞ୍ଜନ ମିଶ୍ର ନିର୍ଦ୍ଦେଶକ ଦାୟିତ୍ୱରେ ଉତ୍କଳପୀଠର ଶୈକ୍ଷିକ ଗବେଷଣା କାର୍ଯ୍ୟର ଦ୍ରୁତ ଅଗ୍ରଗତି ହେବା ସହିତ ଶ୍ରୀଜଗନ୍ନାଥ ମନ୍ଦିରରେ ନିତ୍ୟ ବେଦପାରାୟଣ ଏବଂ ପୂଜା ବିଧାନରେ ଅନେକ ସଂସ୍କାର ଆଣିପାରିଥିଲେ। ସମ୍ପ୍ରତି ଉତ୍କଳ ପୀଠ ଅନେକ ନୂତନ ଗବେଷଣାକାର୍ଯ୍ୟକୁ ହାତକୁ ନେବା ସହିତ ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରଚାର ପ୍ରସାର ଏବଂ ଶ୍ରୀମନ୍ଦିରର ସେବା ତଥା ଯାତ୍ରା ବୈଶିଷ୍ଟ୍ୟ, ଶ୍ରୀଚୈତନ୍ୟଙ୍କର ଜୀବନଦର୍ଶନ ଏବଂ ଶ୍ରୀଜୟଦେବଙ୍କର ଗୀତଗୋବିନ୍ଦର ଭକ୍ତିତତ୍ତ୍ୱ ଉପରେ ବିଶେଷ ଗବେଷଣା କରିବା ପାଇଁ ସଂକଳ୍ପ ନେଇଛି।

# ଆଜିର ଦିବସର ଅନୁଚିନ୍ତା:ମାର୍ଚ୍ଚ ୧୪:
## ଜ୍ଞାନ,ବିଜ୍ଞାନ ଓ ସମୟର ଏକ ଅପୂର୍ବ ସଙ୍ଗମ

ଡ଼ା.ଦେବୀ ପ୍ରସାଦ ମିଶ୍ର

ସମୟର ଅନନ୍ତ ସ୍ରୋତରେ ପ୍ରତିଟି ଦିନ ଏକ ନୂତନ ସମ୍ଭାବନା ଓ ସ୍ମୃତିର ବାର୍ତ୍ତା ନେଇ ଆସିଥାଏ। ଆଜି ମାର୍ଚ୍ଚ ମାସର ୧୪ ତାରିଖ,ଯାହା ବିଶ୍ୱ ଇତିହାସ, ବିଜ୍ଞାନ ଏବଂ ସଂସ୍କୃତି କ୍ଷେତ୍ରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି।ଆଜିର ଦିନଟିକୁ ସମଗ୍ର ବିଶ୍ୱ ଆନ୍ତର୍ଜାତୀୟ ଗଣିତ ଦିବସ ଏବଂ ପ୍ରସିଦ୍ଧ 'ପାଇ' ଦିବସ ଭାବେ ପାଳନ କରେ।'ପାଇ' (π) ହେଉଛି ଗଣିତର ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଧାରାବାହିକ ସଂଖ୍ୟା,ଯାହା ବୃତ୍ତର ପରିଧି ଓ ବ୍ୟାସର ଅନୁପାତକୁ ପ୍ରକାଶ କରେ।ଏହାର ମୂଲ୍ୟ ପ୍ରାୟ 3.14159 ଭାବେ ଗ୍ରହଣ କରାଯାଏ।ଗଣିତର ଏହି ରହସ୍ୟମୟ ସଂଖ୍ୟା '୩.୧୪' ସହ ଆଜିର ତାରିଖ (୩/୧୪) ର ସାମଞ୍ଜସ୍ୟ ଆମକୁ ପ୍ରକୃତି ଓ ଗଣିତର ଗଭୀର ସମ୍ପର୍କ ବିଷୟରେ ଚିନ୍ତା କରିବାକୁ ଖୋରାକ ଯୋଗାଏ।୧୯୮୮ ମସିହାରେ ଆମେରିକାର ସାନ୍ ଫ୍ରାନ୍ ସିସ୍କୋର ଏକ୍ସପ୍ଲୋରାଟୋରିୟମ୍ ନାମକ ବିଜ୍ଞାନ ସଂସ୍ଥାରେ ପ୍ରଥମେ ଏହି ଦିବସ ପାଳନ ହୋଇଥିଲା।ଗଣିତ,ବିଜ୍ଞାନ ଓ ପ୍ରଯୁକ୍ତି ବିକାଶରେ 'ପାଇ'ର ବ୍ୟବହାର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।ଆଜିର ଦିନଟି ବିଜ୍ଞାନ ଜଗତ ପାଇଁ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ।୧୮୭୯ ମସିହାର ଆଜିର ଦିନ ବିଂଶ ଶତାବ୍ଦୀର ମହାନତମ ପଦାର୍ଥ ବିଜ୍ଞାନର ବୈଜ୍ଞାନିକ ଆଲ୍ ବର୍ଟ ଆଇନଷ୍ଟାଇନ୍ ଙ୍କର ଜନ୍ମଦିନର ସ୍ମୃତି ସହ ଜଡ଼ିତ। ସେ ତାଙ୍କର "ଆପେକ୍ଷିକ ତତ୍ତ୍ୱ" ମାଧ୍ୟମରେ ସମୟ, ଶକ୍ତି ଓ ବସ୍ତୁତ୍ୱର ନୂତନ ବ୍ୟାଖ୍ୟା ଦେଇଥିଲେ।ତାଙ୍କ ପ୍ରସିଦ୍ଧ ସମୀକରଣ (ଇ=ଏମ୍ ଗୁଣନ ସିର ବର୍ଗ $E = mc^2$) ଅର୍ଥାତ୍ ଶକ୍ତି ହେଉଛି ବସ୍ତୁତ୍ୱ ଓ ଆଲୋକର ପରିବେଗର ବର୍ଗର ଗୁଣଫଳ ସହ ସମାନ।ଏହାହିଁ ହେଉଛି ଆଧୁନିକ ପଦାର୍ଥବିଜ୍ଞାନର ଏକ ମୂଳ ଆଧାର।୧୯୨୧ ମସିହାରେ ସେ ଫଟୋଇଲେକ୍ଟ୍ରିକ୍ ପ୍ରଭାବର ବ୍ୟାଖ୍ୟା ପାଇଁ ନୋବେଲ ପୁରସ୍କାର ପାଇଥିଲେ।ସେହିପରି ୨୦୧୮ ମସିହାର ଆଜିର ଦିନ ଆଧୁନିକ ପଦାର୍ଥ ବିଜ୍ଞାନର ଅନ୍ୟତମ ବିସ୍ମୟ ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ ଙ୍କର ଶ୍ରାଦ୍ଧ ଦିବସର ସ୍ମୃତି ମଧ୍ୟ ଉଲ୍ଲେଖନୀୟ।ସେ ୨୦୧୮ ମସିହା ମାର୍ଚ୍ଚ ୧୪ରେ ପରଲୋକଗମନ କରିଥିଲେ।ହକିଂ ମହାକାଶ ଓ କୃଷ୍ଣ ଗର୍ତ୍ତ (ବ୍ଲାକ୍‌ହୋଲ୍) ସମ୍ପର୍କିତ ଗବେଷଣାରେ ନୂତନ ଧାରଣା ଦେଇଥିଲେ।ତାଙ୍କ "Hawking Radiation" ସିଦ୍ଧାନ୍ତ ଦେଖାଇଥିଲା ଯେ ବ୍ଲାକ୍‌ହୋଲ୍‌ମାନେ ମଧ୍ୟ ଶକ୍ତି ଉତ୍ସର୍ଜନ କରିପାରନ୍ତି। ତାଙ୍କର ପ୍ରସିଦ୍ଧ ପୁସ୍ତକ "ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍" ସମୟର ସଂକ୍ଷିପ୍ତ ଇତିହାସ ସମ୍ପର୍କରେ ବିଜ୍ଞାନକୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିଥିଲା।ଏହିପରି ଭାବରେ ପାଇ ଦିବସ ଗଣିତ ଓ ବିଜ୍ଞାନର ଉନ୍ନତିକୁ ସ୍ମରଣ କରାଇ ଆମକୁ ଜ୍ଞାନ ଓ ଗବେଷଣା ପ୍ରତି ପ୍ରେରଣା ଦେଇଥାଏ।ବିଜ୍ଞାନର ଦୁଇଟି ଯୁଗାନ୍ତକାରୀ ପ୍ରତିଭାଙ୍କ ଜନ୍ମ ଓ ମୃତ୍ୟୁର ଏହି ସଂଯୋଗ ସତେ ଯେମିତି ବିଶ୍ୱବ୍ରହ୍ମାଣ୍ଡର ଏକ ସୁଚିନ୍ତିତ ଗଣିତ ଓ ବିଜ୍ଞାନର ଅପୁର୍ବ ସଂଯୋଗ। ଭାରତୀୟ ପରିପ୍ରେକ୍ଷୀରେ,ଆଜିର ଦିନଟି ସାଂସ୍କୃତିକ ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ। ୧୯୩୧ ମସିହାର ଆଜିର ଦିନରେ ଭାରତର ପ୍ରଥମ ସବାକ୍ ଚଳଚ୍ଚିତ୍ର 'ଆଲାମ ଆରା' ମୁକ୍ତିଲାଭର ସ୍ମୃତି ଜଡ଼ିତ ଯାହା ଭାରତୀୟ ସିନେମା ଜଗତରେ ଏକ ଶବ୍ଦର ବିପ୍ଳବ ଆଣିଥିଲା।ଏହା ବ୍ୟତୀତ,ମଣିପୁରର 'ଲୌହ ମାନବୀ' ଇରୋମ ଶର୍ମିଲାଙ୍କ ଜନ୍ମଦିନ ଏବଂ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜୟ ନାରାୟଣ ବ୍ୟାସଙ୍କ ସ୍ମୃତି ଚାରଣ ଦିବସ ମଧ୍ୟ ଆଜିର ଦିନର ସ୍ମୃତି ସହ ଜଡ଼ିତ।ଆମ ଓଡ଼ିଶା ମାଟିର ଇତିହାସକୁ ଦେଖିଲେ,୧୯୪୬ ମସିହାର ଏହି ସମୟଟି ଓଡ଼ିଶାର ଜଳସେଚନ ଓ ପ୍ରଗତିର ପ୍ରତୀକ ହୀରାକୁଦ ବନ୍ଧର ଭିତ୍ତିପ୍ରସ୍ତର ସ୍ଥାପନ ସହ ଜଡ଼ିତ।ଆଜିର ଦିବସ ଆମକୁ ଜ୍ଞାନର ବିଭିନ୍ନ ଶାଖା ଯଥା ଗଣିତ,ଚଳଚ୍ଚିତ୍ର ଓ ମାନବିକ ଅଧିକାର ପ୍ରତି ସଚେତନ କରାଏ।ଆସନ୍ତୁ,ଆମେ ସମସ୍ତେ ଆଜିର ଏହି ଶୁଭ ଦିନରେ ବିଜ୍ଞାନର ଯୁକ୍ତି ଓ ଗଣିତର ଶୃଙ୍ଖଳାକୁ ଆପଣାଇ ଏକ ପ୍ରଗତିଶୀଳ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହେବା।ଜ୍ଞାନ ହିଁ ପ୍ରକୃତ ଶକ୍ତି ଏବଂ ଇତିହାସର ଏହି ପୃଷ୍ଠାଗୁଡ଼ିକ ଆମ ପାଇଁ ଅନନ୍ତ ପ୍ରେରଣାର ଉତ୍ସ। ଏହାହିଁ ବାସ୍ତବିକ୍ ଜ୍ଞାନ,ବିଜ୍ଞାନ ଓ ସମୟର ଏକ ଅପୂର୍ବ ସଙ୍ଗମ ।

ଡ଼ା. ଦେବୀ ପ୍ରସାଦ ମିଶ୍ର

✉️ debisirscience@gmail.com
/ debiprasadmishra085@gmail.com

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୬
ମସିହା
www.masiha.in

## କୋକସରା ଅଞ୍ଚଳରେ ଭୟଙ୍କର ସଡ଼କ ଦୁର୍ଘଟଣା: ୨ ବାଇକ ମୁହାଁମୁହିଁ ଧକ୍କା; ଜଣେ ମୃତ, ୩ ଗୁରୁତର




କୋକସରା, ୧୩।୩/ମନିସ: କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଅନେକ ଭୟଙ୍କର ଗାଡ଼ି ମୋଟର ଦୁର୍ଘଟଣା ମାନ ଘଟିବାରେ ଲାଗିଛି। ଯାହା ଫଳରେ ଅନେକ ଧନ ଜୀବନ କ୍ଷୟ କ୍ଷତି ଦେଖା ଦେଇଛି। ଏହି କ୍ରମରେ ବୁଧବାର ଆମପାଣି ଥାନା ଅନ୍ତର୍ଗତ ଖୁର୍ସେଲଗୁଡ଼ା ନିକଟରେ ଏକ ଭୟଙ୍କର ବାଇକ୍ ଦୁର୍ଘଟଣା ଘଟିଛି। ବିଳମ୍ବିତ ରାତିରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ଦ୍ୱାରା ଗୁରୁତରଙ୍କୁ ଉଦ୍ଧାର କରି କୋକସରା ଡାକ୍ତର ଖାନାରେ ଭର୍ତ୍ତି କରିଥିବା ବେଳେ ଖୁର୍ସେଲଗୁଡ଼ା ଗ୍ରାମର ୨୩ ବର୍ଷୀୟ ଇଶ୍ୱର ପାଳିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଅନ୍ୟ ଜଣେ ଯୁବକ ପିପଲ ଝାପର ଗ୍ରାମର ଟୁନା ମାଝୀଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ଥିବାରୁ ତାଙ୍କ ସହିତ ଅନ୍ୟ ଦୁଇ ଯୁବକ ସୁଶାନ୍ତ ବେହେରା, ନବାନ ବାଗକୁ ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ଘଟଣା ସ୍ଥଳରେ କୋକସରା ପୁଲିସ ପହଞ୍ଚିଥିଲେ ତେବେ ଦୁର୍ଘଟଣା ଘଟିଥିବା ଅଞ୍ଚଳ ଆମପାଣି ଥାନା ପରିସରରେ ଆସୁଥବାରୁ ଆମପାଣି ପୁଲିସକୁ ରିପୋର୍ଟ ତଲବ କରିବାକୁ କହିଥିଲେ । ତେବେ ପରିବାର ଲୋକେ ଗୁରୁବାର ଆମପାଣି ଥାନାରେ ରିପୋର୍ଟ ଦେବା ପରେ ଆମପାଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ନେଇ ସୂଚନା ମିଳିଛି । ସେହିପରି କୋକସରା ଥାନା ୨୬ ନମ୍ବର ଜାତୀୟ ରାଜପଥ ଦାସ କଲୋନୀ ଛକ ନିକଟରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଝରିଆ ଗୁଡ଼ା ଗ୍ରାମର ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ (୫୩) କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଆହତ ବ୍ୟକ୍ତି ମାନେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ୨୬ ନମ୍ବର ଜାତୀୟ ରାଜପଥ ଏବଂ ଆମପାଣି ଠାରୁ ଧର୍ମଗଡକୁ ସଂଯୋଗ କରୁଥିବା ବିଜୁଏକ୍ସପ୍ରେସ ୱେରେ ଦିନକୁ ଦିନ ମର୍ମନ୍ତୁଦ ଦୁର୍ଘଟଣା ମାନ ବୃଦ୍ଧି ପାଉଥିବା ଯୋଗୁଁ ଅନେକ ଧନ ଜୀବନ କ୍ଷୟ କ୍ଷତି କରୁଛି। ପ୍ରଶାସନ ପକ୍ଷରୁ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ମାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କଳାହାଣ୍ଡି ଜିଲ୍ଲାରେ ଏଲପିଜି ଗ୍ୟାସ ମହଜୁଦ




ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାରେ ଯଥେଷ୍ଟ ପରିମାଣର ଇନ୍ଧନ ଗ୍ୟାସ ବିତରକ ମାନଙ୍କ ନିକଟରେ ରେ ଗଛିତ ରହିଅଛି ଏବଂ ଅନୁଯାୟୀ ବିତରଣ କରାଯାଉଅଛି । ତେଣୁ ଜନସାଧାରଣ କୌଣସି ଗୁଜବ ଦ୍ୱାରା ପ୍ରଭାବିତ ନ ହୋଇ ଏଥିପ୍ରତି ନିଶ୍ଚିତ ରହିବା ସହିତ ବିତରକ ମାନଙ୍କ ନିକଟରେ ଅଯଥା ଭିଡ ନକରି କ୍ରମାନ୍ୱୟରେ ଉପଯୁକ୍ତ ସମୟରେ ବିତରକ ମାନଙ୍କ ଠାରୁ ରନ୍ଧନ ଗ୍ୟାସ ନେବା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କଳାହାଣ୍ଡି ଜନସାଧାରଣଙ୍କୁ ସୂଚନା ଦିଆଯାଇଛି। ଜିଲ୍ଲାର ସମସ୍ତ ଲୋକ ପେଟ୍ରୋଲ, ଡିଜେଲ,ରନ୍ଧନ ଗ୍ୟାସ କିପର ଠିକ ସମୟରେ ପାଇପାରିବେ ଏବଂ ଏ ଦିଗରେ ବିତରକମାନେ ଯେପରି କୌଣସି ବ୍ୟତିକ୍ରମ ନ କରିନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ କମିଟି ଗଠନ କରାଯାଇ ତିକ୍ଷ୍ଣ ନଜର ରଖାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଏଥି ପ୍ରତି ସଜାଗ ରହିବା ପାଇଁ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶ ନିର୍ଦ୍ଦେଶ ଦେଇଛନ୍ତି।ବିଦ୍ୟାଧର ସାହୁଙ୍କ ରିପୋର୍ଟ....

## ବିନା ସୂଚନା ଫଳକ ଓ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲୁଛି କାର୍ଯ୍ୟ ନିମ୍ନମାନର ରାସ୍ତା କାର୍ଯ୍ୟ ନିର୍ମାଣ ହେଉଥିବା ଅଭିଯୋଗ



ରାଜ୍ୟ ସରକାର ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦେଉଥିବାବେଳେ ବାସ୍ତବରେ ତାହା ସଠିକ୍ ଭାବରେ ବ୍ୟବହାର କରାନଯାଇ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ ହିନ୍ଦୋଳ ବ୍ଲକ୍ କନ୍ତାମିଲା ପଞ୍ଚାୟତ ଅନ୍ତର୍ଗତ ବିଲେଇଖଳି ଗ୍ରାମକୁ ବିକଶିତ ଗାଁ ଓ ବିକଶିତ ଓଡ଼ିଶାରେ ବିନା ସୂଚନା ଫଳକରେ କଂକ୍ରିଟ୍ ରାସ୍ତା ନିର୍ମାଣ ଚାଲିଛି । କାର୍ଯ୍ୟ ହେବା ପୂର୍ବରୁ ସୂଚନାଫଳକ କରିବା ବିଧେୟ ଥିଲେ ମଧ୍ୟ ଏଠାରେ ତାହା ଦେଖିବାକୁ ମିଳିନାହିଁ। ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ୬ ଲକ୍ଷ ଟଙ୍କା ଏବଂ ବିଧାୟିକାଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁଦାନ ରାଶିରେ ଏହି ପକ୍କା ରାସ୍ତାଟି ନିର୍ମାଣ ହେଉଥିବା ଲୋକମାନେ ଚର୍ଚ୍ଚା ଆଲୋଚନା କରୁଛନ୍ତି। କିନ୍ତୁ କାର୍ଯ୍ୟ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ରହୁନାହାନ୍ତି। ଯନ୍ତ୍ରୀ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହେଉଛି। ରାସ୍ତା ମାତ୍ର ୨ ଇଞ୍ଚ୍ ମୋଟାର କରାଯାଇଥିବାର ମଧ୍ୟ ଏକ ସାଙ୍ଘାତିକ ଅଭିଯୋଗ ହେଉଛି। ରାସ୍ତାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ଚିନ୍ତାପ୍ରକଟ କରିଛନ୍ତି। ହିନ୍ଦୋଳରେ ବାରମ୍ବାର ଏପରି ନିମ୍ନମାନର ରାସ୍ତା କାର୍ଯ୍ୟ ହେଉଥିବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜିଦେଇ ବିଲ୍ ପାସ୍ କରିବାରେ ବ୍ୟସ୍ତ। ପ୍ରଶାସନର ଏପରି କାର୍ଯ୍ୟକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏ ସଂପର୍କରେ ଆମେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା।ଦୀପକ କୁମାର ନାୟକ, ହିନ୍ଦୋଳ

# ନୂଆପଡ଼ାରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ



ନୂଆପଡ଼ା,(ସୁଜିତ କୁମାର ପ୍ରଧାନ ) ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ପରସାଗୁଡ଼ା ସ୍ଥିତ ବହୁମୁଖୀ ସଭାଗୃହରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମାଜର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ଧନେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ଭୂମିକାକୁ ପ୍ରଶଂସା କରିଥିଲେ। ଗ୍ରାମ୍ୟ ଅଞ୍ଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସଚେତନତା ସୃଷ୍ଟି ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନରେ ଆଶା କର୍ମୀମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ସେମାନେ କହିଥିଲେ।ଏହି ଅବସରରେ ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ଆଶା କର୍ମୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆପଡ଼ା ବ୍ଲକର ମାରାଗୁଡ଼ା ର ରେମତି ମାଝୀ ପ୍ରଥମ ସ୍ଥାନ ଅଧିକାର କରି ୬ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଖରିଆର ବ୍ଲକର ଲଞ୍ଜି ର ହେମକାନ୍ତି ଚଲାନ ଦ୍ୱିତୀୟ ସ୍ଥାନ ଅଧିକାର କରି ୫ ହଜାର ଟଙ୍କା ଏବଂ ବୋଡେନ ବ୍ଲକର ବଇରଗାଁ ର ଦମୟନ୍ତୀ ମାଝୀ ତୃତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପୁରସ୍କାର ପାଇଥିଲେ।

ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଜନ ଆରୋଗ୍ୟ ସମାଜ (SCAAM-JAS) ମଧ୍ୟ ପୁରସ୍କୃତ ହୋଇଥିଲେ। ନୂଆପଡ଼ା ବ୍ଲକର ଭରୁଆମୁଣ୍ଡା (ମାରାଗୁଡ଼ା), କୋମନା ବ୍ଲକର ସିଆଲଟି, ଖରିଆର ବ୍ଲକର ବାଦି, ବୋଡେନ ବ୍ଲକର ଖଇରା ଏବଂ ସିନାପାଲି ବ୍ଲକର କରଙ୍ଗାବାହାଲି ଜନ ଆରୋଗ୍ୟ ସମାଜ ପ୍ରଥମ ସ୍ଥାନ ଅଧିକାର କରି ପ୍ରତ୍ୟେକେ ୧୩ ହଜାର ଟଙ୍କା ଲେଖାଏଁ ପୁରସ୍କାର ପାଇଥିଲେ।ଏହା ସହିତ ସୁସ୍ଥ ଗାଁ ପୁରସ୍କାର ଅନ୍ତର୍ଗତ ନୂଆପଡ଼ା ବ୍ଲକର ସରବଙ୍ଗ ଗ୍ରାମର ମୌଲିଭଟା, କୋମନା ବ୍ଲକର ମାନିଗୁଡ଼ା ଗ୍ରାମର ଜଟଗଡ଼, ଖରିଆର ବ୍ଲକର ଚନାବେଡା ଗ୍ରାମର ଭୋଜପୁର, ବୋଡେନ ବ୍ଲକର ଖଇରା ଗ୍ରାମର ବହାଲ ଏବଂ ସିନାପାଲି ବ୍ଲକର ଗୋରଲା ଗ୍ରାମର ପତିଆଲପଡ଼ା ଗାଁ କଲ୍ୟାଣ ସମିତିକୁ ପ୍ରତ୍ୟେକ ୧୦ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା।ସେହିପରି ସ୍ୱାସ୍ଥ୍ୟ ସଂସ୍ଥାମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ କାୟାକଳ୍ପ ଓ NQAS ପୁରସ୍କାର ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସିଏଚ୍‌ସି ଖରିଆର ରୋଡ୍, କୋମନା, ବୋଡେନ, ସିନାପାଲି ଓ ଏସଡିଏଚ୍ ଖରିଆର ସହ ଅନ୍ୟାନ୍ୟ ଆମ୍ ଆଦମୀ ସ୍ୱାସ୍ଥ୍ୟ କେନ୍ଦ୍ରମାନ ସମ୍ମାନିତ ହୋଇଥିଲେ। କାର୍ଯ୍ୟକ୍ରମ ରେ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, NHM ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା ସହିତ ବିଭିନ୍ନ ବ୍ଲକର ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜୋର ଧରିଛି କୋକସରା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି,ସମର୍ଥନର ସୁଅ ଛୁଟିଛି ଅଞ୍ଚଳରେ



କୋକସରା,୧୩।୩(ମନିସ) : ପ୍ରସାଦ ଗଜିନ୍ଦ୍ର ନାଗ, କଳାହାଣ୍ଡି ଜିଲ୍ଲାର କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ନିମନ୍ତେ ଶୁକ୍ରବାର ଗୋତମୁଣ୍ଡା ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗ୍ରାମ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆମପାଣି ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ମାଝୀ ସଭାପତିତ୍ୱ କରିଥିଲେ। ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜୀବ କୁମାର ଅଗ୍ରୱାଲ, ଉପସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଦାସ ଗୁପ୍ତା, ତ୍ରିଭୁବନ ନାଏକ, ମହେନ୍ଦ୍ର ନେଗୀ, ପ୍ରମୋଦ ପ୍ରଧାନୀ, ଅଶୋକ କୁମାର ଦାସ, ଶ୍ରୀନିବାସ ପ୍ରଧାନୀ, ଶ୍ରୀମନ୍ତ ପାଢ଼ୀ, ସନତ କୁମାର ପ୍ରଧାନୀ, ରବିନାରାୟଣ ଦାସ, ଦୁଷ୍ମନ୍ତ କୁମାର ପାଟଯୋଷୀ, ସଞ୍ଜୟ କୁମାର ସିଙ୍ଘଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ଦାବି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇ ଜନମତ ସଂଗ୍ରହ କରାଯାଇଥିଲା। ଜିଲ୍ଲାର ସର୍ବପୁରାତନ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ କୁ ପୁଣିଥରେ ଫେରେଇ ଆଣିବା ପାଇଁ ବୈଠକରେ ଉପସ୍ଥିତ ରହିଥିବା ଗୋତମୁଣ୍ଡା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ ସମେତ ବ୍ୟକ୍ତି ବିଶେଷ ସମସ୍ତଙ୍କ ସହଯୋଗ ରହିବା ସହ ଉକ୍ତ ଦାବିକୁ ସମର୍ଥନ ଦେଇଥିଲେ। ବୈଠକରେ ହିମାଚଳ ବିହାରୀ, ପୂର୍ଣ୍ଣଚନ୍ଦ୍ର ନାଏକ, ତୁଲାରାମ ଗୋପାଳ, ନିରଞ୍ଜନ ବାଗ, ମୁକୁନ୍ଦ ନାଗେଶ, ତୁଳସୀ ରାମ ବିହାରୀ, ଦ୍ରୋଣ ପୁଝାରୀ, ଅର୍ଜନ ଗୋପାଳ, ଭୁବନେଶ୍ୱର ପଟେଲ, କେଶବ ମାଝୀ, ସୁବାଷ ଖର୍ସେଲ, କୁଞ୍ଜ ବିହାରୀ ଶୋରୀ, ଉପେନ୍ଦ୍ର ଗୋପାଳ ସମେତ ଅଂଚଳର ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ।

# ନିଲାବାଡ଼ି ଯାତ୍ରାରେ ଆଦାୟ ୧୯ ଲକ୍ଷ ୨୮ ହଜାର ୨୮୩ ଟଙ୍କା



ବନ୍ଧୁଗାଁ--ତା,୧୩/୦୩/୨୬,କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ର ନିଲାବାଡି ଠାରେ ଚାଲିଥିବା ଦକ୍ଷିଣ ଓଡିଶା ପ୍ରସିଦ୍ଧ ମା ଅଗ୍ନୀ ଗଙ୍ଗା ମାଙ୍କ ଯାତ୍ରା ସରିବା ପରେ ଆଜି ଦାନ ଅର୍ଥ ସର୍ବ ସମୁଖରେ ଗଣତି କରାଯାଇଥିବା ବେଳେ ସମୁଦାୟ ୧୯ ଲକ୍ଷ ୨୮ ହଜାର ୨୮୩ ଟଙ୍କା ବାହାରିଥିବା ଜଣା ପଡିଛି।ମଣ୍ଡପ ଟିକେଟ ୬ଲକ୍ଷ ୨୭ହଜାର ୫୦୦,ମନ୍ଦିର ଟିକେଟ ବାବଦକୁ ୧ ଲକ୍ଷ ୫ ହଜାର୬୦୦,ମଣ୍ଡପ ହୁଣ୍ଡିରୁ ୪ ଲକ୍ଷ ୭୭ ହଜାର ୮୪୪ ଓ ମନ୍ଦିର ହୁଣ୍ଡିରୁ ୨ଲକ୍ଷ୍ୟ ୮୬ ହଜାର ୭୦,ଭୋଗ ବିକ୍ରି ବାବଦକୁ ୧ ଲକ୍ଷ ୬୧ ହଜାର,ଠାକୁରଙ୍କ ଫୋଟ ବିକ୍ରି ବାବଦକୁ ୩୫ ହଜାର ଟଙ୍କା,ମୁଣ୍ଡନ ବାବଦକୁ ୧ ଲକ୍ଷ ୭୦ ହଜାର,ବାଇକ ଷ୍ଟାଣ୍ଡରୁ ୮ହଜାର,ଚପଲ ଷ୍ଟାଣ୍ଡରୁ ୩୫୦୦,ହାତ ଦାନ ବାବଦକୁ ୫୩ ହଜାର ୭୬୯ ଟଙ୍କା ମିଳିଥିବା ବେଳେ ୦.୨ ମିଲିଗ୍ରାମ ଗ୍ରାମ ସୁନା ଓ ୧୦ ଗ୍ରାମ ରୁପା ମଧ୍ୟ ମିଳିଥିବା ଜଣା ପଡିଛି।ଗଣତି ବେଳେ ପୂଜା କମିଟିର ସଭାପତି ବାଡ଼ି ସାତ୍ୟାମ, ତଳସିଲଦାର ସୋନାଲି ପାତ୍ର, ପଲିସ ଷ୍ଟାଫ, ସୋମ୍ପାଦକ ଗାଣ୍ଟା, ରାବି ଶଙ୍କର, ବାଡ଼ି ମାହେଶ୍ୱର, ଲାଚିଗା ବେନିଆ, ବନମାଲି ଖରା, ସରୋପଞ୍ଚ ସଦାନା ପିଡ଼ିକା, ଜିଆନା ମେଲେକା, ଜେଇ ଇସେଶ୍ୱର ରାଓ, ବି.ଉଦୟ ଚନ୍ଦ୍ର, ବି.ଜେନାରଦନ,ଜି. ଚନ୍ଦ୍ରମହନ,ପୂଜା କମିଟିର ଯୁବକ ସଙ୍ଘ ଓ ବ୍ଲକର ଛୋଟ ବଡ଼ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ କମ ଆଦାୟ ହୋଇଛି। ଗତ ବର୍ଷ ୨୪ ଲକ୍ଷ ୨୧ ହଜାର ୮୮୯ ଟଙ୍କା ସହ ୩.୫ ଗ୍ରାମ ସୁନା ଓ ୧ କେଜି ୬୬ ଗ୍ରାମର ରୁପା ମିଳିଥିବା ବେଳେ ଚଳିତ ବର୍ଷ କେବଳ ୧୯ ଲକ୍ଷ ୨୮ ହଜାର ୨୮୩ ଟଙ୍କା ମିଳିଥିବା ଜଣା ପଡିଛି ।I ଏଥିସହ ବନ୍ଧୁଗାଁ ବ୍ଲକର ସମସ୍ତ ସାମ୍ବାଦିକ ପ୍ରତିନିଧି ଉପସ୍ଥିତ ଥିଲେ I ବନ୍ଧୁଗାଁ ବ୍ଲକରୁ ସଞ୍ଜିବ କୁମାର ବାଙ୍ଗାରୀ I

# ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ପ୍ରଦାନରେ ବିଳମ୍ବ ଲୋକଙ୍କ ମନରେ ଅସନ୍ତୋଷ




କୋକସରା,୧୩।୩/ (ମନିସ): ପ୍ରସାଦ ଗଜିନ୍ଦ୍ର ନାଗ,ରାଜ୍ୟ ସରକାର ଗରିବ ଅଭାବ ଗ୍ରସ୍ତ ମୃତବ୍ୟକ୍ତିର ଅନ୍ତେଷ୍ଟିକ୍ରିୟା ସମ୍ପାଦନ ପାଇଁ ତାଙ୍କ ନିକଟତମ ସମ୍ପର୍କୀୟଙ୍କୁ ମୃତ୍ୟୁର ତତକ୍ଷଣାତ୍ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ୩ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥାନ୍ତି। ଯାହା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫୦୦୦ ଟଙ୍କା ଲେଖାଏଁ (ରିଭଲବିଂ ଫଣ୍ଡ) ଆକାରରେ ତଥା କ୍ରାନ୍ତି ପାଣ୍ଠି ଭାବେ ମହଜୁଦ ରଖା ଯାଇଥାଏ। ସେହି ଅର୍ଥରାଶି କୁ ସରପଞ୍ଚ ମାନେ ମୃତକଙ୍କ ପରିବାରକୁ ମୃତ୍ୟୁର ତତକ୍ଷଣାତ୍ ଆନ୍ତେଷ୍ଟିକ୍ରୀୟା କର୍ମ ପାଇଁ ସହାୟତା ପ୍ରଦାନ କରିଥାନ୍ତି। ତେବେ କୋକସରା ବ୍ଲକର ଅନେକ ପଞ୍ଚାୟତରେ ଏବେ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ତେବେ ମାସ ପରେ ମାସ ବିତି ଯାଇଥିଲେ ସୁଦ୍ଧା ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରାଯାଉନାହିଁ। ଯାହା ଫଳରେ ଜନ ସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଭାବ ପ୍ରକାଶ ପାଇଛି।ପ୍ରକାଶ ଯେ ଆମପାଣି ଗ୍ରାମର କୌଶଲ୍ୟା ସୁନା ( ୮୫ ) ସ୍ୱାମୀ ହରି ସୁନାନୀ ମୃତ୍ୟୁ ବରଣ କରି ତିନି ମାସ ହେବ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ରାଶି ଆଜି ଯାଏଁ ପ୍ରଦାନ କରାଯାଇ ନଥିବା ପରିବାର ପକ୍ଷରୁ ଅଭିଯୋଗ ହେଉଛି। ତାଙ୍କ ସାନ ପୁଅ ରସିକ ସୁନାନୀ ହରିଶ୍ଚନ୍ଦ୍ର ସହାୟତା ରାଶି ପାଇଁ ପଞ୍ଚାୟତକୁ ଯୋଗାଯୋଗ କଲେ କୌଣସି ସୁଫଳ ମିଳିନ ଥିବା ପ୍ରକାଶ କରିଛନ୍ତି । ତେବେ ସେହିପରି ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ସ୍ଥିତ ରଏନଗୁଡ଼ା ଗ୍ରାମର ଡାଳିମ୍ବ ଭାଟି ସ୍ୱାମୀ ଗରିବ ଭାଟି ମୃତ୍ୟୁ ବରଣ କରି ଅନେକ ଦିନ ପରେ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ରାଶି ମିଳିନଥିବା ଅଭିଯୋଗ ହେଉଛି। ଏନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ଯୋଗାଯୋଗ କରିବାରୁ ପଞ୍ଚାୟତରେ ଆବଶ୍ୟକ ପାଣ୍ଠି ନଥିବା ଯୋଗୁଁ ସହାୟତା ମିଳି ପାରୁନଥିବା ଦର୍ଶାଇଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ମୁଖରୁ ପ୍ରକାଶ ଯେ ପୂର୍ବ ବିଜେଡ଼ି ସରକାର ସମୟରେ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ରାଶି ତୁରନ୍ତ ପ୍ରଦାନ କରାଯାଉଥିଲା। ରାଜ୍ୟରେ ବିଜେପି ସରକାର ଆସିଲା ପରେ ଯୋଜନାରେ ବ୍ୟତିକ୍ରମ ଦେଖା ଯାଉଥିବା ପ୍ରକାଶ ପାଇଛି। ହେଲେ ସହାୟତା ରାଶି ପ୍ରଦାନ ରେ ଏତେ ବିଳମ୍ବ କାହିଁକି ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବର୍ତ୍ତମାନ କୋକସରା ବ୍ଲକ ଅଞ୍ଚଳର ଶତାଧିକ ଅନେକ ଗରିବ ପରିବାର ଲୋକେ ଏଯାଏଁ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ ସହାୟତା ରାଶି ପାଇ ପାରିନଥିବା ଅଭିଯୋଗ କରିଛନ୍ତି। ଜିଲ୍ଲା ତଥା ବ୍ଲକ ପ୍ରଶାସନ ଏଦିଗରେ ତତ୍ପରତା ଦେଖାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୭

ମସିହା
MASIHA

www.masiha.in

## ଏଲ୍ ପି ଜି ଗ୍ୟାସ୍ ର ମହଙ୍ଗା ଓ ଅନିୟମିତତା ପାଇଁ ମୋଦୀ ସରକାରଙ୍କ ବିରୋଧରେ ଦାବୀ ପତ୍ର ଜିଲ୍ଲାପାଳ ଙ୍କୁ ପ୍ରଦାନ



ନବରଙ୍ଗପୁର:(୧୩|୩)(ରବି ନାରାୟଣ ମହାନ୍ତି)ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ନବରଂଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଲ୍ ପି ଜି ଗ୍ୟାସ୍ ର ମହଙ୍ଗା ଓ ଅନିୟମିତତା ପାଇଁ ଦାବୀ ପତ୍ର ଦିଆଯାଇଥିଲା । ଆଦିବାସୀ ମହିଳା ମୁଣ୍ଡରେ ଗ୍ୟାସ୍ ହାଣ୍ଡି ମୁଣ୍ଡାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଯାଇଥିଲେ । ମୋଦୀ ସରକାରଙ୍କ ବିରୋଧରେ ବର୍ଷି ଥିଲେ । ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ତଥା ପ୍ରବକ୍ତା ମନସା ତ୍ରିପାଠୀ ଓ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁଶ୍ରୀ ଡାଃ ଲିପିକା ମାଝୀ ବରିଷ୍ଠ ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ମୁନା ତ୍ରିପାଠୀ ଙ୍କ ସହ ବରିଷ୍ଠ ନେତା ଶିବ ରାମ ରାଜୁ, ପ୍ରହ୍ଲାଦ ହିଆଲ,ଗଣେଶ ପଟ୍ଟନାୟକ, ହୁସୁନା ବାନୋ,ଆଇସା ବାନୋ , କାଞ୍ଚନ ଗଣ୍ଡ, ଚନ୍ଦ୍ରକଳା, ବିକାଶ ରାଓ, ବାସୁଦେବ ପଟ୍ଟନାୟକ, ପ୍ରଦୀପ ବେନିଆ, ସାଇବାନ ପ୍ରମୁଖ ଉପସ୍ଥିତ ରହି ଦାବୀ ପତ୍ର ଦେବା ସମୟରେ ସହଯୋଗ କରିଥିଲେ ।

## ମୌଳିକ ସୁବିଧାରୁ ବଞ୍ଚିତ ହୋଇ ପରିବାରଙ୍କୁ ନେଇ ଦାଦନ ଗଲେ ବିଧବା ମହିଳା



ବୈପାରିଗୁଡ଼ା - ମୌଳିକ ସୁବିଧାରୁ ବଞ୍ଚିତ ହୋଇ ତିନି ଝିଅଙ୍କୁ ଧରି ଆନ୍ଧ୍ର ପ୍ରଦେଶରେ ଦାଦନ ଖଟିବାକୁ ଯାଇଛନ୍ତି ଜଣେ ବିଧବା ମହିଳା ତଳନ୍ତି କନ୍ଦପାନ । ତଳନ୍ତି କନ୍ଦପାନଙ୍କୁ ନା ମିଳୁଛି ବିଧବା ଭତ୍ତା, ନା ମିଳିଛି ମଙ୍ଗଳ ପରିବାର ଯୋଜନା, ନା ପରିବାରଙ୍କୁ ମିଳୁଛି ରାସନ ଚାଉଳ । ଏ ପର୍ଯ୍ୟନ୍ତ ମଧ ମିଳିନାହିଁ ପ୍ରଧାନ ମନ୍ତ୍ରୀ ଆବାସ ଗୃହ। ଝାଟିମାଟି କୁଡ଼ିଆରେ ଦିନ କାଟୁଛନ୍ତି ବିଧବା ମହିଳାଙ୍କ ପରିବାର । ସ୍ୱାମୀ ମୃତ୍ୟୁବରଣ କରିବାର ପ୍ରାୟ ଏକ ବର୍ଷ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମିଳୁନି ବିଧବା ଭତ୍ତା। ପାଖରେ ତିନୋଟି ଝିଅକୁ ଧରି ଦୁଃଖ କଷ୍ଟରେ ମାଟି କୁଡ଼ିଆରେ ଚଳି ଆସୁଛନ୍ତି ତଳନ୍ତି କନ୍ଦପାନ। ଏହି ପରି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅଧିନସ୍ଥ ଜି. ମାଝୀଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝଡ଼ିଆ ଗୁଡ଼ା ଗ୍ରାମରେ।ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଧବା ଓ ବୃଦ୍ଧାମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା କରିଛନ୍ତି ରାଜ୍ୟ ସରକାର , ସ୍ଥାନୀୟ ପ୍ରଶାସନଙ୍କ ଅବହେଳା ଯୋଗୁଁ ଗରିବ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି । ଝଡ଼ିଆ ଗୁଡ଼ା ଗ୍ରାମର ତଳନ୍ତି କନ୍ଦପାନଙ୍କ ସ୍ୱାମୀ ବନନ୍ତ କନ୍ଦପାନ ପ୍ରାୟ ଏକ ବର୍ଷ ତଳେ ଲିଭର ଜନିତ ରୋଗରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ତଳନ୍ତି କନ୍ଧପାନ ମୃତ୍ୟୁ ପ୍ରମାଣପତ୍ର ପାଇଁ ବୈପାରିଗୁଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବେଦନ କରିଛନ୍ତି । ଆବେଦନ କରିବାର ପ୍ରାୟ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତଳନ୍ତକୁ ମିଳି ନାହିଁ ମୃତ୍ୟୁ ପ୍ରମାଣପତ୍ର । ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେ । ସେହିପରି ତିନୋଟି ଝିଅ ସହ ଚଳିବାକୁ ଅସୁବିଧା ହେଉଥିବାରୁ ରାସନ ଚାଉଳ କାର୍ଡ ଖଣ୍ଡେ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେ। କିନ୍ତୁ ତଳନ୍ତିକୁ ଆଜି ପର୍ଯ୍ୟନ୍ତ ମିଳୁନାହିଁ ରାସନ ଚାଉଳ କାର୍ଡ କିମ୍ବା ଆବାସ ଗୃହ। ଏପରି ପରିସ୍ଥିତିରେ ଦାଦନ ଖଟିବାକୁ ଯିବା ବ୍ୟତୀତ ତାଙ୍କ ପାଖରେ ଅନ୍ୟ କିଛି ବିକଳ୍ପ ନଥିଲା।କୋରାପୁଟ ଜିଲ୍ଲାରୁ ଶ୍ୟମଖିଲ ଙ୍କ ରିପୋର୍ଟ

## ମହିଳା ସଶକ୍ତ ହେଲେ ସଶକ୍ତିକରଣ ସମ୍ଭବ



ବ୍ରହ୍ମପୁର ;- ୧୩/୦୩ ମହିଳା ସଶକ୍ତ ହେଲେ ସରକାରଙ୍କ ସଶକ୍ତିକରଣ କାର୍ଯ୍ୟକ୍ରମ ସଫଳ ହେବ ଏଣୁ ମହିଳା ମାନେ ନିଜକୁ ଘର ଚାରି କାନ୍ଥ ମଧରେ ସୀମିତ ନ ରଖି ରୋଜଗାରକ୍ଷମ ହେବା ଜରୁରୀ ଅଟେ। ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ ରାଜନପଲ୍ଲୀରେ ନାବାର୍ଡ ପକ୍ଷରୁ ଅନୁଷ୍ଠିତ ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ମତ ପ୍ରକାଶିତ ହୋଇଥିଲା । ଏହି ଅବସରରେ ଗଞ୍ଜାମ ଜିଲ୍ଲା ନାବାର୍ଡ ଡିଡିଏମ ଡ଼.ସଂଜୀବ ମିଶ୍ର ,ଭଞ୍ଜନଗର ଉପଖଣ୍ଡ ଉଦ୍ୟାନ ବିଭାଗ ଅଧିକାରୀ ଇତିଶ୍ରୀ ଶୁଭଦର୍ଶୀନୀ, ଭଞ୍ଜନଗର ଉପଖଣ୍ଡ ଶିଶୁ ଓ ମହିଳା ବିକାଶ ପ୍ରକଳ୍ପ ଅଧିକାରୀ ସଂଗୀତା ମିର୍ଜୀ,ଜିଲ୍ଲା ମହିଳା ସଶକ୍ତି କରଣ ହବ ସଂଯୋଜିକା ଗୀତାଞ୍ଜଳି ମହାରଣା,ଜଗନ୍ନାଥ ପ୍ରସାଦ ବ୍ଲକ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀ ଚେତନା ଦିବ୍ୟଜ୍ୟୋତି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଜଗନ୍ନାଥପ୍ରସାଦ ଶାଖା ପରିଚାଳିକା ସୁଚିତ୍ରା ସାହୁ,ବେଲଗୁଣ୍ଠା ଶାଖା ପରିଚାଳକ ଦିବ୍ୟଜ୍ୟୋତି ସେଠୀ,ସମେତ ସହକାରୀ ଉଦ୍ୟାନ ଅଧିକାରୀ ଓ କୃଷକ ଉତ୍ପାଦକ କମ୍ପାନୀ ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇଥିଲେ । ନାବାର୍ଡ ଅନୁଦାନ କ୍ରମେ ସଫଳତା ହୋଇଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସଂଗଠନକୁ ପ୍ରଶଂସା କରିବା ସହିତ ବିଭିନ୍ନ ଯୋଜନା ସମ୍ପର୍କରେ ଡ଼ିଡ଼ିଏମ ଡ଼.ମିଶ୍ର ସଚେତନ କରାଇ ଥିଲେ । ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୧ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ବ୍ରହ୍ମପୁର ଠାରେ ଲୋକ ଅଧିକାର ଯାତ୍ରାର ଅଭିଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା



ଦେଶୀ ବିଦେଶୀ କର୍ପୋରେଟ୍ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟରେ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଦ୍ୱାରା ବିକାଶ ନାଁରେ ଲୋକଙ୍କ ଜମି, ଜଙ୍ଗଲ, ନଦୀ ଓ ପ୍ରାକୃତିକ ସମ୍ପଦ ଉପରେ ଜୋରଦାର ଆକ୍ରମଣ ଚାଲିଛି । ଉପରୋକ୍ତ ଆକ୍ରମଣ ଫଳରେ କ୍ଷତିଗ୍ରସ୍ତ ହେଉଥିବା ସାଧାରଣ ମଣିଷ ବିଶେଷ କରି ଆଦିବାସୀ ଓ ଚାଷୀମାନେ ନିଜର ଜୀବନ ଜୀବିକା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଲଢେଇ କରୁଛନ୍ତି । କିନ୍ତୁ ପରିତାପର ବିଷୟ ଜଣେ ଆଦିବାସୀଙ୍କ ନେତୃତ୍ୱରେ ଚାଲିଥିବା ସରକାର କମ୍ପାନୀଙ୍କ ବୋଲକରା ହୋଇ ସେମାନଙ୍କ ଉପରେ ଅନେକ ମିଛ କେଶ ଓ ମନଇଛା ଗିରଫଦାରୀ କରି ସ୍ଥାନୀୟ ପୋଲିସ ଭୟଙ୍କର ଦମନ କରିବାରେ ଲାଗିଛି । ଏଭଳି ପରିସ୍ଥିତିରେ ସରକାରଙ୍କ କର୍ପୋରେଟ୍ କମ୍ପାନୀ ସପକ୍ଷବାଦୀ ଜନ ବିରୋଧୀ ବିକାଶ ନୀତି ସମ୍ପର୍କର ରାଜ୍ୟବାସୀଙ୍କ ମଧରେ ସଚେତନତା ସୃଷ୍ଟି କରିବାକୁ ତଥା ବଳପୂର୍ବକ ଜମି ଅଧିଗ୍ରହଣ ତଥା ଦମନ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଲୋକ ଶକ୍ତି ଅଭିଯାନ, ଏନଏପିଏମ୍ ଓ ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ ପକ୍ଷରୁ ମିଳିତ ଭାବେ ଏକ ରାଜ୍ୟସ୍ତରୀୟ ବସଯାତ୍ରା ଆରମ୍ଭ ହୋଇଛି । ଗତ ଫେବୃଆରୀ 25 ତାରିଖରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମସ୍ଥାନ ସ୍ଥାନ ସତ୍ୟଭମାପୁର ଠାରୁ ଏହି 20 ଜଣିଆ ପଦଯାତ୍ରା ବାହାରି ସାରା ରାଜ୍ୟ ପରିକ୍ରମା କରି ଆସନ୍ତା 23 ତାରିଖ ଦିନ ଶହୀଦ ଭଗତ ସିଂଙ୍କ ଶହୀଦ ଦିବସ ଅବସରରେ ଭୁବନେଶ୍ୱର ଠାରେ ପହଞ୍ଚିବ । ଇତି ମଧରେ ଗତ 17 ଦିନ ମଧରେ ଏହି ଯାତ୍ରା ରାଜ୍ୟର 18ଟି ଜିଲ୍ଲା ପରିକ୍ରମା କରି ସାରିଛନ୍ତି ।ଆଜି ଲୋକ ସମ୍ପର୍କ ଯାତ୍ରା କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଠାରୁ ବାହାରି ଗଞ୍ଜାମର ସୋରଡ଼ା, ଆସିକା ଆଦି ଅଞ୍ଚଳ ପରିକ୍ରମା କରି ବ୍ରହ୍ମପୁର ଠାରେ ପହଞ୍ଚିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଅଭିଯାତ୍ରୀ ଦଳକୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ସଂକଳ୍ପ ସ୍କୁଲ ଠାରେ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଲେଖିକା ଡଃ ବିଧୁପ୍ରଭା ରଥଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରୀୟାନୁଷ୍ଠାନ କମିଟିର ଆବାହକ ସୁଧୀର ରାଉତ, ଅନ୍ୟତମ ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ପଶ୍ଚିମ ଓଡିଶାର ବରିଷ୍ଠ କୃଷକ ନେତା ଲିଙ୍ଗରାଜ, ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଏନଏପିଏମର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ଆଦିବାସୀ ନେତା ନାଚିକା ଲିଙ୍ଗା, ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ ନନ୍ଦେଶୁ ସେନାପତି, ଏଆଇକେକେଏସର ନେତା ସମ୍ପାଦକ ଶଙ୍କର ଇନକିଲାବ୍, ଏଆଇଡିଏସଓର ରାଜ୍ୟନେତା ସୋମନାଥ ବେହେରା, ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସିମାଞ୍ଚଳ ନାହାକ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ବିକାଶ ନୀତିର ନିନ୍ଦା କରିଥିଲେ । ବକ୍ତାମାନେ ଘରୋଇ କମ୍ପାନୀଙ୍କୁ ପାଣି ଯୋଗାଇ ଦେବା ପାଇଁ ପିପଳପଙ୍କା ଠାରେ ଋଷିକୁଲ୍ୟା ନଦୀର ଉପରମୁଣ୍ଡରେ ଯେଉଁ ଡେମ୍ କରିବାକୁ ଯାଉଛନ୍ତି, ତାରି ଫଳରେ ନଦୀ ସମ୍ପୂର୍ଣ୍ଣ ମରିଯିବା ସହ ଜିଲ୍ଲାର ଲକ୍ଷ ଲକ୍ଷ ଲୋକଙ୍କ ପିଇବା ପାଣି ଓ ଜଳସେଚନ ବ୍ୟବସ୍ଥା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବ ବୋଲି କହିଥିଲେ । ଦକ୍ଷିଣ ଓଡିଶାର ବକ୍ସାଇଟକୁ ଖଣି ଖୋଳି ତା'କୁ ଆଲୁମିନିୟମରେ ରୂପାନ୍ତରିତ କରି ଗୋପାଳପୁର ବନ୍ଦର ଦେଇ ବିଦେଶକୁ ରପ୍ତାନୀ କରିବା ପାଇଁ ସରକାର ଗୋପାଳପୁର - ଜୟପୁର ମଧରେ ଏକ 285 କି. ମି ଦୀର୍ଘ ଓ ଏକ କି. ମି ଚଉଡାର ଯେଉଁ ଅର୍ଥନୈତିକ କରିଡର ନିର୍ମାଣ କରିବାକୁ ଯାଉଛନ୍ତି, ତା'ରି ଫଳରେ ଦକ୍ଷିଣ ଓଡିଶାର ବ୍ୟାପକ ପରିମାଣରେ ଜଙ୍ଗଲ, ପାହାଡ, ଜଳ ଉତ୍ସ ସହ ହଜାର ହଜାର ଚାଷୀ ଓ ଆଦିବାସୀଙ୍କ ଚଳନ୍ତି ଜୀବିକାକୁ ଧ୍ୱଂସ କରିବାକୁ ଯାଉଛି ।ଅନ୍ୟମାନଙ୍କ ମଧରେ କୃଷକ ନେତା ବୃନ୍ଦାବନ ଖଟେଇ, ବରିଷ୍ଠ ସାମ୍ବାଦିକ ରବି ରଥ, ଆଇଏଫଟିୟୁର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ରାଜେନ୍ଦ୍ର ପଣ୍ଡା, ଅଧାପକ ଲୋକନାଥ ପରିଡା, ଶିକ୍ଷକ ନେତା କାମରାଜୁ ମହାରଣା, ଅଶୋକ ଦଳାଇ, ଲକ୍ଷ୍ମୀ ନୃସିଂହ ରଥ, ବିଘ୍ନେଶ୍ୱର ସାହୁ,ପପୁନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ଅଳକନାଥ ମିଶ୍ର, ଏ ସଞ୍ଜୀବ କୁମାର ରେଡ୍ଡୀ ପ୍ରମୁଖ ସ୍ଥାନୀୟ ନେତା ଓ ଆଦିବାସୀ ନେତା କୁଶନାଥ ପ୍ରଧାନ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଗଣ ସଙ୍ଗୀତ ଗାୟକ ରାଜକିଶୋର ଦୁଲ୍ହାରୀ, ଲକ୍ଷ୍ମଣ ନାୟକ ପ୍ରମୁଖ ବିପ୍ଲବୀ ସଙ୍ଗୀତ ଗାନ କରିଥିଲେ । ଶେଷରେ ଯୁବନେତା ଆଦିତ୍ୟ ରଥ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର



ରାଉରକେଲା : ଓଡ଼ିଶା ସାହିତ୍ୟ ଏକାଡେମୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଓ ରାଉରକେଲା କଲେଜ ରାଉରକେଲାର ମିଳିତ ଆନୁକୂଲ୍ୟରେ ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧାପିକା ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଉଦଘାଟକ ଭାବେ କଲେଜର ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନା, ସଭାପତି ଭାବେ ଅବସରପ୍ରାପ୍ତ ଅଧକ୍ଷ ସୁଜାତା ପ୍ରଧାନ, ମୁଖ୍ୟ ଅତିଥି ଭାବେ କବି ରାଜୀବ ପାଣି, ବିଷୟ ବିଶେଷଜ୍ଞ ଭାବେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ସହକାରୀ ପ୍ରଫେସର ଇନ୍ଦ୍ରମଣି ସାହୁ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଭିତ୍ତି ଓ ଭବିଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ଓ ବିଷୟ ବିଶେଷଜ୍ଞମାନେ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ଭାଷାର ଜୀବନଶକ୍ତି ରାଜନୈତିକ ଶକ୍ତି ଉପରେ ନିର୍ଭରଶୀଳ। ଆତ୍ମଚେତନା ଓ ପ୍ରୟାସ ଜାରି ରହିଲେ ଭାଷା ବଞ୍ଚିବ। ପ୍ରାରମ୍ଭରେ ଆରସୀ ସେନାପତି ଓ ସାଥୀ ସ୍ୱାଗତ ସଂଗୀତ ଏବଂ ଶେଷରେ ଅମୀୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ତରୁଣ କାବ୍ୟାର୍ଘରେ ଶ୍ୱେତଲିନା ଶତପଥୀ ସ୍ୱାଗତ ଭାଷଣ ଓ ସଂଯୋଜନାରେ ବିଜୟିନୀ ଜେନା ସଭାପତିତ୍ୱ ଓ ପ୍ରାଧାପିକା ଭାରତୀ ବରୁଆ ମୁଖ୍ୟ ଅତିଥି ତଥା ଗୌତମ ଦାସ ଓ ଅଧାପିକା ଚିନ୍ମୟୀ ପୁରୋହିତଙ୍କ ସଂଯୋଜନାରେ ୨୨ଜଣ କବିତା ପାଠ କରିଥିଲେ। ଶେଷରେ ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ପର୍ଯ୍ୟାୟ କାବ୍ୟାର୍ଘ କବିତା ଆବୃତ୍ତି ଅଧିବେଶନରେ ଅଜୟ କୁମାର ମହାନ୍ତିଙ୍କ ସ୍ୱାଗତ ଭାଷଣ ଓ ସଂଯୋଜନା କରିଥିବା ବେଳେ କୁଞ୍ଜବିହାରୀ ରାଉତ ସଭାପତି, ମନୋରଞ୍ଜନ ଦାଶ ମୁଖ୍ୟଅତିଥି ତଥା ତ୍ରିଲୋଚନ ସ୍ୱାଇଁ ଓ ଧରିତ୍ରୀ ପାଇକରାୟଙ୍କ ସଂଯୋଜନାରେ ୨୮ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ପୁଷ୍ପା ରାଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ଶାସ୍ତ୍ରୀୟ ଓଡ଼ିଆ ଭାଷା: ଜ୍ଞାନ-ବିଜ୍ଞାନ, ପ୍ରଯୁକ୍ତି-ନିଯୁକ୍ତିର ଭାଷା ଆଲୋଚ୍ୟ ପ୍ରସଙ୍ଗରେ ପ୍ରାଧାପିକା ରଶ୍ମିପ୍ରଭା ମଥାନଙ୍କ ସଂଯୋଜନାରେ ଡ. ରବୀନ୍ଦ୍ର କୁମାର ଜେନା ସଭାପତି, ନାରାୟଣ ନାୟକ ମୁଖ୍ୟଅତିଥି ତଥା ବିଷୟ ବିଶେଷଜ୍ଞ ଭାବେ ଅବସରପ୍ରାପ୍ତ ପ୍ରଫେସର ନଟବର ଶତପଥୀ ଓ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ନିଜର ମତ ରଖିଥିଲେ। ପ୍ରଫେସର ଶତପଥୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ଓଡ଼ିଆ ସଂସ୍କୃତି ଯେତେ ପ୍ରାଚୀନ, ମୂଳଭିତ୍ତି ମଧ ସେତିକି ସୁଦୃଢ଼। ଓଡ଼ିଶା ସରକାର ଓଡ଼ିଆ ଭାଷାକୁ କାହିଁକି ସରକାରୀ ଭାଷା ଭାବେ ବ୍ୟବହାର କରୁନାହାଁନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ମାତୃଭାଷା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାକଭାଷ୍ ଡ. ସୁଷମା ମୋଦୀ ରଖିଥିବା ବେଳେ ସଂଜୀବ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସା ଅଗ୍ରୱାଲଙ୍କ ବନ୍ଦେ ଉତ୍କଳ ଜନନୀ ଗାନ ପରେ ସଭା ସାଙ୍ଗ କରାଯାଇଥିଲା। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନ ଆତ୍ମବୋଧରୁ ରାଷ୍ଟ୍ରବୋଧ ଶୀର୍ଷକ ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧାପକ ଗିରିଜା ଶଙ୍କର ଗୋସ୍ୱାମୀ ସଭାପତିତ୍ୱ ଓ ଅଧାପିକା ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆରଏସପିର ମହାପ୍ରବନ୍ଧକ ସଞ୍ଜୟ କୁମାର ଦେଓ ମୁଖ୍ୟ ଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ଶର୍ମିଷ୍ଠା କବିଶତପଥୀ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ବିଷୟ ବିଶେଷଜ୍ଞ ଶ୍ରୀମତୀ ଶତପଥୀ ତାଙ୍କ ବକ୍ତବ୍ୟରେ କହିଲେ ଯେ ସକରାତ୍ମକ ପରିବର୍ତ୍ତନ ହିଁ ଧର୍ମ। ରାଷ୍ଟ୍ର ପ୍ରତି ସମର୍ପିତ ଭାବ, ବ୍ୟକ୍ତି ଯେତେବେଳେ ନିଜର ଶକ୍ତି ଚିହ୍ନିବ ସେତେବେଳେ ସେ ଆତ୍ମବୋଧ ତଥା ପିଲାମାନଙ୍କ ମଧରେ ଚେତନା ସୃଷ୍ଟି ସହ ଚରିତ୍ରରେ ଶୁଦ୍ଧତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଷଦର ମହାନଗର ସାଧାରଣ ସମ୍ପାଦିକା ଡ. ସୁଷମା ମୋଦୀ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ପ୍ରତାପରୁଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ନିମୀଶା କେର୍କେଟା ଓ ସାଥୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ।ଦ୍ୱିତୀୟ ପର୍ଯ୍ୟାୟ ଆତ୍ମବିସ୍ମୃତିରୁ ଆତ୍ମବୋଧ ଶୀର୍ଷକ ଆଲୋଚନାଚକ୍ରରେ ଗୀତାରାଣୀ ବେହେରା ସଂଯୋଜନା କରିଥିଲେ। ଶିକ୍ଷାବିତ୍ ତଥା ଚିନ୍ମୟ ଏକାଡେମୀର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହିନୀ ସଭାପତିତ୍ୱ କରିଥିଲାବେଳେ ଅଧାପକ ରଜନୀକାନ୍ତ ମିଶ୍ର ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ସୁସ୍ମିତା ମହାପାତ୍ର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ଯଦି ଇତିହାସ,ଗୌରବମୟ ଅତୀତକୁ ଭୁଲିଯିବା ତେବେ ଆତ୍ମବିସ୍ମୃତି ବୋଲି କହିବା ସହ ଆତ୍ମବୋଧ ଓ ଆତ୍ମଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ପର୍ଯ୍ୟାୟ ସୁନ୍ଦରଗଡ ପ୍ରତି ନିବେଦିତ ସମ୍ପର୍କରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ପ୍ରବୀର କୁମାର ଦୁବେଙ୍କ ସ୍ୱାଗତ ଭାଷଣ ଓ ସଂଯୋଜନାରେ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ସଭାପତି, ଅଧାପିକା ମହାଶ୍ୱେତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମମତା ଜେନା ଓ ସୁମିତ୍ରା ମିଶ୍ରଙ୍କ ସଂଯୋଜନାରେ ୩୨ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ମନୋଜ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ଆଲୋଚ୍ୟ ପ୍ରସଙ୍ଗ ଆତ୍ମବୋଧରୁ ବିଶ୍ୱବୋଧ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ, ନିରୁପମା ପତିଙ୍କ ସଂଯୋଜନାରେ ପ୍ରାଧାପକ ରଶ୍ମିରଞ୍ଜନ ରାଉତ ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ଅବସରପ୍ରାପ୍ତ ପ୍ରଫେସର ବବ୍ରୁବାହାନ ମହାପାତ୍ର ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି କହିଲେ ଯେ ମଣିଷ ଜୀବନରେ ଯଦି ଶୂନ୍ୟ ନଥାନ୍ତା ତେବେ ମଣିଷ ବଞ୍ଚି ପାରିବ ନାହିଁ। ମାଟି, ବାୟୁ,ଜଳ, ଅଗ୍ନି ଓ ଆକାଶକୁ ନେଇ ଜୀବନ। ମନ ଦେହ ଭିତରେ ରହି ମଣିଷକୁ କ୍ରିୟାଶୀଳ କରାଏ। ସେହିପରି ପଞ୍ଚ ଇନ୍ଦ୍ରୀୟ ଚକ୍ଷୁ, ନାସା, କର୍ଣ୍ଣ,ଜିଭ ଓ ଚର୍ମ, ଜ୍ଞାନଯୋଗ, ଭକ୍ତି ଯୋଗ, କର୍ମଯୋଗ ସମ୍ପର୍କରେ ଆଲୋଚନା କରିବା ସହ କର୍ମ ହିଁ ଜୀବନକୁ ପ୍ରଭାବିତ କରେ ତଥା ଆଧାତ୍ମିକ ତରଫରୁ ଦେଖିଲେ ଆତ୍ମା ହିଁ ଜୀବନର ଶ୍ରେଷ୍ଠ ସତ୍ତା ବୋଲି ମତ ରଖିଥିଲେ। ଏହି ଅବସରରେ ମନ୍ଥନ ତରଫରୁ ଡ. ବିଶ୍ୱନାଥ ପରିଜା ମନ୍ଥନର ବାର୍ଷିକ ବିବରଣୀ ଓ ଶେଷରେ ସୁମନ୍ତ ଉପାଧାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦରେ ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କରୁଣାକର ପାଟ୍ଟଶାଣୀ ପ୍ରମୁଖ ସହଯୋଗ କରିଥିଲେ।

କୁଞ୍ଜ ବିହାରି ରାଉତ ଙ୍କ ରିପୋର୍ଟ୍

| ବର୍ଷ-୦୧ | ଅଙ୍କ -୧୬ | ପୃଷ୍ଠା -୦୮

ମସିହା
MASIHA

www.masiha.in

# ଆସନ୍ତା ଜୁନ୍ ୧୯ରେ ମୁକ୍ତିଲାଭ କରିବ 'କକ୍‌ଟେଲ-୨', ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିବେ ଏହି ଅଭିନେତ୍ରୀ



ଆସନ୍ତା ଜୁନ୍ ୧୯ରେ ମୁକ୍ତିଲାଭ କରିବ 'କକ୍‌ଟେଲ-୨' । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରଶ୍ମିକା ମନ୍ଦାନା, ଶାହିଦ କପୁର ଓ କ୍ରିତି ସାନନ୍ । ମ୍ୟାଡ୍ ଡକ୍ ଫିଲ୍ମସ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ହୋମି ଆଦାଜାନିଆ । ରଶ୍ମିକା ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଫିଲ୍ମର ପ୍ରଥମ ପୋଷ୍ଟର ଶେୟାର କରିଛନ୍ତି ।ଏହା ଜରିଆରେ ସେ ଫିଲ୍ମର ମୁଖ୍ୟ କଳାକାରଙ୍କ ଲୁକ୍ ସାମ୍ନାକୁ ଆଣିଛନ୍ତି ।ପୋଷ୍ଟରେ ଆହୁରି କହିଛନ୍ତି, ଫିଲ୍ମର ଫର୍ଷ୍ଟ ଲୁକ୍ ଚଳିତ ମାସ ୧୮ ତାରିଖରେ ରିଲିଜ୍ ହେବ । ରଶ୍ମିକା-ବିଜୟ ଦେବରକୋଣ୍ଡାଙ୍କ ବିବାହ ପରେ ଗତ ୪ ତାରିଖ ହାଇଦ୍ରାବାଦରେ ଆୟୋଜିତ ବିବାହ ଭୋଜିକୁ ରଶ୍ମିକା ନିଜର 'କକ୍‌ଟେଲ-୨' କୋ-ଷ୍ଟାର୍‌ଙ୍କୁ ନିମନ୍ତ୍ରଣ କରିଥିଲେ । କ୍ରିତି, ହୋମି ଆଦାଜାନିଆ ଏବଂ ମ୍ୟାଡ୍‌ଡକ୍ ଫିଲ୍ମସର ମୁଖ୍ୟ ଦିନେଶ ଭିଜନ ଓ ତାଙ୍କ ପତ୍ନୀ ଭୋଜିରେ ଯୋଗ ଦେଇଥିଲେ । ଜାନୁଆରୀରେ 'କକ୍‌ଟେଲ-୨'ର ସୁଟିଂ ଶେଷ ହୋଇଥିଲା । ହୋମି ସୁଟିଂ ଶେଷ ସମୟର ମଜାଦାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଥିଲେ । 'କକ୍‌ଟେଲ-୨' ହୋମି ଆଦାଜାନିଆଙ୍କର ୨୦୧୨ରେ ମୁକ୍ତିପ୍ରାପ୍ତ 'କକ୍‌ଟେଲ'ର ସିକ୍ୱେଲ । ଏଥିରେ ସୈଫ ଅଲି ଖାନ୍, ଦୀପିକା ପାଦୁକୋନ ଓ ଡାଏନା ପେଣ୍ଟି ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

## ପାଠ ବହିରେ ଛାତ୍ରଛାତ୍ରୀମାନେ ପଢ଼ିବେ ଏହି ଭାରତୀୟ ମହିଳା କ୍ରିକେଟରଙ୍କ କାହାଣୀ.ପଞ୍ଚମ ଶ୍ରେଣୀ ବହିରେ ଯୋଡି ହେଲା ଅଧ୍ୟାୟ




ଭାରତୀୟ ମହିଳା କ୍ରିକେଟ ଦଳ ଗତ କିଛି ବର୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ୨୦୨୫ରେ, ସେମାନେ ପ୍ରଥମ ଥର ପାଇଁ ICC ମହିଳା ODI ବିଶ୍ୱକପ୍ ଜିତିଥିଲେ। ବର୍ତ୍ତମାନ, ସେମାନେ ଏହାର ଫଳ ପାଇବା ପରି ମନେ ହେଉଛି।ଭାରତୀୟ ମହିଳା ଦଳର ଷ୍ଟାର ବ୍ୟାଟସମ୍ୟାନ୍ ସ୍ମୃତି ମନ୍ଧାନାଙ୍କ ଉପରେ ଏକ ଅଧ୍ୟାୟ ଏବେ ଶ୍ରେଣୀ ୫ ପାଠ୍ୟପୁସ୍ତକର ଅଂଶ ହୋଇଯାଇଛି।ସ୍କୁଲ ଛାତ୍ରଛାତ୍ରୀମାନେ ଏବେ ଭାରତୀୟ ମହିଳା କ୍ରିକେଟରଙ୍କ ସଫଳତା ବିଷୟରେ ପଢ଼ିବେ। Rediff.com ରେ ଏକ ରିପୋର୍ଟ ଅନୁଯାୟୀ, ଓରିଏଣ୍ଟ ବ୍ଲାକ୍ ସ୍ୱାନ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ବିଜ୍ଞାନ, ସାମାଜିକ ଅଧ୍ୟୟନ ଏବଂ ସାଧାରଣ ଜ୍ଞାନ ଅନ୍ତର୍ଭୁକ୍ତ।ସ୍ମୃତି ମନ୍ଧାନାଙ୍କୁ ବର୍ତ୍ତମାନ ଭାରତର ସବୁଠାରୁ ପ୍ରତିଭାବାନ ମହିଳା କ୍ରିକେଟରଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ସେ ଗତ ବର୍ଷ ପ୍ରଥମ ODI ବିଶ୍ୱକପ୍ ଜିତି ଇତିହାସ ରଚିଥିବା ଭାରତୀୟ ମହିଳା ଦଳର ଅଂଶ ଥିଲେ। ବାମହାତୀ ବ୍ୟାଟସମ୍ୟାନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ପ୍ରମୁଖ ରନ ସ୍କୋରର ଥିଲେ, ୫୪.୨୫ ହାରାହାରି ଏବଂ ୯୯.୦୯ ଷ୍ଟ୍ରାଇକ୍ ରେଟ୍ ସହିତ ନଅଟି ଇନିଂସରେ ୪୩୪ ରନ କରିଥିଲେ।ସ୍ମୃତି ମନ୍ଧାନାଙ୍କ ଉପରେ ଏହି ୫ମ ଶ୍ରେଣୀ ଅଧ୍ୟାୟ ଜଣେ ବାଳକର କାହାଣୀ ବର୍ଣ୍ଣନା କରେ ଯିଏ ତାଙ୍କ ପିତାମାତାଙ୍କଠାରୁ ଭାରତୀୟ ମହିଳା ଦଳର ଓପନରଙ୍କ ଐତିହ୍ୟ ବିଷୟରେ ଶିଖେ। ଏହି ଅଧ୍ୟାୟରେ ବାମହାତୀ ବ୍ୟାଟସମ୍ୟାନଙ୍କ ଅନ୍ତର୍ଜାତୀୟ କ୍ରିକେଟର ଭାବରେ ସଫଳତା, ମହିଳା ବିଗ୍ ବ୍ୟାସ୍ ଲିଗ୍ ସହିତ ତାଙ୍କର ସମ୍ପୃକ୍ତି ଏବଂ ତାଙ୍କ ପାରିବାରିକ ପୃଷ୍ଠଭୂମି ବିଷୟରେ ଆଲୋଚନା କରାଯାଇଛି, ସୁପରଷ୍ଟାରଡମକୁ ତାଙ୍କ ଯାତ୍ରା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।ଏହି ପଞ୍ଚମ ଶ୍ରେଣୀ ପାଠ୍ୟପୁସ୍ତକର ଏହି ଅଧ୍ୟାୟରେ ଭାରତୀୟ ମହିଳା ଦଳର ଅଧିନାୟକ ହରମନପ୍ରୀତ କୌର, ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ ଏବଂ ପୂର୍ବତନ ଶ୍ରୀଲଙ୍କା ୱିକେଟ କିପର-ବ୍ୟାଟସମ୍ୟାନ କୁମାର ସାଙ୍ଗାକାରାଙ୍କ ଭଳି ଅନ୍ୟ କ୍ରିକେଟ କିମ୍ବଦନ୍ତୀଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏହାକୁ ଭାରତୀୟ ମହିଳା କ୍ରିକେଟ ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି। ସ୍ମୃତି ମନ୍ଧାନା ସମ୍ପ୍ରତି ଅଷ୍ଟ୍ରେଲିଆରେ ତିନୋଟି ଟି-୨୦, ତିନୋଟି ଦିନିକିଆ ଏବଂ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିଥିବା ଭାରତୀୟ ମହିଳା ଦଳର ଅଂଶ ଥିଲେ। ୨୯ ବର୍ଷୀୟା ଏହି ଓପନର ଟି-୨୦ ସିରିଜରେ ସର୍ବାଧିକ ରନ୍ ସ୍କୋରର ଥିଲେ। ତିନୋଟି ଇନିଂସରେ, ଓପନର ୬୪.୫୦ ହାରରେ ଏବଂ ୧୩୪.୩୭ ଷ୍ଟ୍ରାଇକ୍ ରେଟ୍ ସହିତ ୧୨୯ ରନ୍ କରିଥିଲେ। ତାଙ୍କର ସର୍ବୋତ୍ତମ ସ୍କୋର ଥିଲା ୮୨, ଯାହା ସେ ଆଡିଲେଡ୍‌ରେ ତୃତୀୟ ମ୍ୟାଚ୍‌ରେ ମାତ୍ର ୫୫ ବଲ୍‌ରେ କରିଥିଲେ; ଏଥିରେ ଆଠ ଚୌକା ଏବଂ ତିନୋଟି ଛକା ଅନ୍ତର୍ଭୁକ୍ତ।ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍‌ରେ ମନ୍ଧାନା ୮୯ ରନ୍ କରିଥିଲେ, ଯାହାକୁ ଭାରତୀୟ ମହିଳା ଦଳ ୩-୦ରେ ହାରିଥିଲା। ବାମହାତୀ ବ୍ୟାଟ୍ସମ୍ୟାନ୍ ବ୍ରିସବେନରେ ପ୍ରଥମ ଏକଦିବସୀୟରେ ୬୮ ବଲ୍‌ରେ ୫୮ ରନ୍ ଏବଂ ହୋବାର୍ଟରେ ପରବର୍ତ୍ତୀ ମ୍ୟାଚ୍‌ରେ ୩୭ ବଲ୍‌ରେ ୩୧ ରନ୍ କରିଥିଲେ। ପର୍ଥରେ ଖେଳାଯାଇଥିବା ଗୋଲାପୀ ବଲ୍ ଟେଷ୍ଟରେ ସେ ମାତ୍ର ୪ ଏବଂ ୨ ରନ୍ କରିପାରିଥିଲେ। ମୋଟାମୋଟି ଭାବରେ, ମନ୍ଧାନା ଆଠଟି ଟେଷ୍ଟ, ୧୨୦ଟି ଦିନିକିଆ ଏବଂ ୧୬୦ଟି ଟି-୨୦ ଖେଳିଛନ୍ତି। ଏହି ବାମହାତୀ ବ୍ୟାଟ୍ସମ୍ୟାନ୍ ଟେଷ୍ଟରେ ୪୮.୮୪ ହାରରେ ୬୩୫ ରନ୍ କରିଛନ୍ତି, ଯେଉଁଥିରେ ଦୁଇଟି ଶତକ ରହିଛି। ଏକଦିବସୀୟରେ, ସେ ୪୭.୮୮ ହାରରେ ଏବଂ ୯୦.୩୬ ଷ୍ଟ୍ରାଇକ୍ ରେଟ୍ ସହିତ ୫,୪୧୧ ରନ୍ କରିଛନ୍ତି, ଯେଉଁଥିରେ ୧୪ଟି ଶତକ ଏବଂ ୩୫ଟି ଅର୍ଦ୍ଧଶତକ ରହିଛି। ଟି-୨୦ରେ, ମନ୍ଧାନା ୩୦.୪୩ ହାରରେ ଏବଂ ୧୨୪.୫୧ ଷ୍ଟ୍ରାଇକ୍ ରେଟ୍ ସହିତ ୪,୨୩୧ ରନ୍ କରିଛନ୍ତି, ଯେଉଁଥିରେ ଗୋଟିଏ ଶତକ ଏବଂ ୩୩ଟି ଅର୍ଦ୍ଧଶତକ ରହିଛି।

# ବିଲୁପ୍ତପ୍ରାୟ ପରମ୍ପରାର ମର୍ମସ୍ପର୍ଶୀ ଦଲିଲ




ନିୟମିତ ବ୍ୟବଧାନରେ ଏମିତି ଅନେକ 'ଭିନ୍ନ ସ୍ୱାଦର' ଚଳଚ୍ଚିତ୍ର ଆସେ ଯେଉଁଥିରେ ବାସ୍ତବରେ କୌଣସି ଭିନ୍ନତା ବା ଅଭିନବତ୍ୱ ନଥାଏ। 'କାନ୍ଦ ମାଷ୍ଟ୍ରେ' କିନ୍ତୁ ପ୍ରକୃତ ପକ୍ଷେ ଏକ ଭିନ୍ନ ସ୍ୱାଦର ଓଡ଼ିଆ ଚଳଚ୍ଚିତ୍ର। ଓଡ଼ିଶାର ଧୀରେ ଧୀରେ ହଜି ଯାଉଥିବା ସଂସ୍କୃତିର କଥା ଏଥିରେ ଚିତ୍ରିତ ହୋଇଛି। ବିବାହର ବିଦାୟ ସମୟରେ ଝିଅମାନଙ୍କ 'କାନ୍ଦଣା' ଉପରେ ଏହାର କାହାଣୀ ଆଧାରିତ।ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବ ଓ ସାଇପଡ଼ିଶାର ଲୋକଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥା'ନ୍ତି। ଏ ପରମ୍ପରା ଧୀରେ ଧୀରେ ଗତ ନବମ ଦଶକଠୁ ଏକପ୍ରକାର ଲୋପ ପାଇ ବସିଲାଣି। ଏବେ ପ୍ରାୟତଃ ଆଉ କାନ୍ଦଣା ଦେଖିବାକୁ ମିଳୁ ନାହିଁ। ଏପରି ଏକ କାହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ନିର୍ମିତ ହୋଇଛି। ଏହାସହ ଏଥିରେ ବିଧବା ପୁନଃବିବାହର ପ୍ରଗତିଶୀଳ କଥା ମଧ୍ୟ ସ୍ଥାନିତ ହେବା ଖୁବ୍ ସ୍ୱାଗତଯୋଗ୍ୟ। କଳା ବିନା କଳାକାରର ଯେ ଅସ୍ତିତ୍ୱ ନାହିଁ ସେ କଥା ମଧ୍ୟ ଏଥିରେ ପ୍ରତିଫଳିତ ହୋଇଛି। ଜଣାଶୁଣା ଲେଖକ ତଥା ସାହିତ୍ୟିକ ଜାକିର ଖାନ୍ଙ୍କ ସଫଳ ନାଟକକୁ ଉପଜୀବ୍ୟ କରି ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା। କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା। ମୁଖ୍ୟ କଳାକାର ମଧ୍ୟରେ ଅଭିନେତ୍ରୀ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରି ନିଜ ନିଜ ଚରିତ୍ରକୁ ଯଥାର୍ଥ ନ୍ୟାୟ ଦେଇଛନ୍ତି। ଚିତ୍ରୋତ୍ତୋଳନ ସ୍ୱର୍ଣ୍ଣପ୍ରସାଦ, ସମ୍ପାଦନା କୃତାର୍ଥ ଚିତ୍ତରଞ୍ଜନ ନାଟେକର ଓ ମଣ୍ଟୁ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ। ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଓ ସନ୍ତୋଷ ନାୟକ।ପ୍ରାୟ ବିଲୋପ ହେଇ ଯାଇଥିବା ଓଡ଼ିଆ ପରମ୍ପରାକୁ ପୁନର୍ଜୀବନ ଦେଇଛି ଏହି ସିନେମା। ଏହି ଚଳଚ୍ଚିତ୍ର ଆମକୁ ସ୍ମରଣ କରାଏ ଯେ ସଂସ୍କୃତି କେବଳ ପାଳନ କରାଯାଏ ନାହିଁ, ଏହା ହୃଦୟରେ ଗଭୀର ଭାବରେ ଅନୁଭବ କରାଯାଏ। 'କାନ୍ଦ ମାଷ୍ଟ୍ରେ' ଓଡ଼ିଆ କଥା ଓ ଗାଥାରେ ସମୃଦ୍ଧ ଓ ଭାବନାର ପ୍ରଭାବିତ ଏକ ପ୍ରଭାବଶାଳୀ ଚଳଚ୍ଚିତ୍ର, ଯାହା ଓଡ଼ିଆ ଐତିହ୍ୟର ଏକ ମୂଲ୍ୟବାନ ଅଂଶକୁ ସୁରକ୍ଷିତ ରଖିବାରେ ସଫଳ ହୋଇଛି। ଗାଁଗାଁ ବୁଲି ବିବାହଯୋଗ୍ୟା କନ୍ୟାମାନଙ୍କୁ କାନ୍ଦଣା ଶିଖାଉଥିବା ଜଣେ କାନ୍ଦୁରା ମାଷ୍ଟ୍ରଙ୍କ ଦୁଃଖଦ ଜୀବନବୃତ୍ତାନ୍ତ ଚିତ୍ରିତ ହୋଇଛି ଏହି କଳାତ୍ମକ ଚଳଚ୍ଚିତ୍ରରେ। ନିର୍ଦ୍ଦେଶନା, କଳା ସମ୍ପାଦନା, ଆଲୋକ, ସଙ୍ଗୀତ ଓ ଅଭିନୟ ଅନେକ ସ୍ଥାନରେ ପ୍ରଶଂସନୀୟ। 'କାନ୍ଦ ମାଷ୍ଟ୍ରେ' ଦର୍ଶକଙ୍କୁ ଭାବପ୍ରବଣ କରିବା ନିଶ୍ଚିତ।ମନେ ରଖିବାକୁ ହେବ ଯେ ଏହା ଏକ କଳାତ୍ମକ ଚଳଚ୍ଚିତ୍ର। ତେବେ କମର୍ସିଆଲ ଫିଲ୍ମ ଭଳି ଏଥିରେ ଥିବା ଗୀତଗୁଡ଼ିକ ଅନାବଶ୍ୟକ ମନେ ହେଲା। ସିନେମାରେ କେତେକ ସ୍ଥାନରେ ସଂଳାପ ନାଟକ ଭଳି ଥିଲା, ଯାହାକୁ ଅଧିକ ସ୍ୱାଭାବସୁଲଭ ଢଙ୍ଗରେ ଉପସ୍ଥାପନ କରିଥିଲେ ଦୃଶ୍ୟଗୁଡ଼ିକ ଅଧିକ ପ୍ରଭାବଶାଳୀ ହୋଇପାରନ୍ତା। ସେହିପରି ସିନେମାରେ ଗ୍ରାମବାସୀଙ୍କ ଅଭାବ, ସମୂହ କାନ୍ଦଣା ଦୃଶ୍ୟର ଅଭାବ ଅନୁଭୂତ ହେଲା। ତେବେ ମୋଟାମୋଟି ସିନେମାଟି ଦେଖିବା ଯୋଗ୍ୟ।

## କିଟ୍‌ରେ ଯୁବ ଜାତୀୟ ଭଲିବଲ୍ ୧୫ରୁ:ଭାରତରେ ପ୍ରଥମ ଥର ଏକାସାଙ୍ଗରେ ୬ଟି କୋର୍ଟରେ ଖେଳାଯିବ ମ୍ୟାଚ୍



ଚଳିତ ମାସ ୧୫ରୁ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ମଲ୍ଟିପ୍ରପୋଜ ଇନ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହେବ ୨୬ତମ ଯୁବ ଜାତୀୟ ଭଲିବଲ୍ ପ୍ରତିଯୋଗିତା। ୨୦ ତାରିଖ ପର୍ଯ୍ୟନ୍ତ ଉଭୟ ପୁରୁଷ ଓ ମହିଳା ବର୍ଗରେ ହେବାକୁ ଥିବା ଏହିପ୍ରତିଯୋଗିତାରେ ୬ଟି ଇନ୍ଡୋର କୋର୍ଟରେ ଏକାସାଙ୍ଗରେ ୬ଟି ମ୍ୟାଚ୍ ଖେଳାଯିବାର ବ୍ୟବସ୍ଥା କରାଯାଇଛି।ଯାହା ଭାରତୀୟ ଭଲିବଲ୍ ଇତିହାସରେ ପ୍ରଥମ ହେବାର ଗୌରବ ଅର୍ଜନ କରିବାକୁ ଯାଉଛି। ଏହି ପ୍ରତିଯୋଗିତାକୁ ଭାରତୀୟ ଭଲିବଲ୍ ମହାସଂଘ ସହଯୋଗରେ ଓଡ଼ିଶା ଭଲିବଲ୍ ସଂଘ ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଆୟୋଜନ କରୁଛି। ଏଥିରେ ୩୦ ରାଜ୍ୟ ଓ ୨ ଇନ୍ଷ୍ଟିଚ୍ୟୁସନାଲ୍ ଦଳ ଭାଗନେବେ। ଏଥିରେ ପ୍ରାୟ ୧୨୦୦ରୁ ଅଧିକ ଖେଳାଳି, ଅଧିକାରୀ ଓ ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିବେ।

## ଅବ୍ରାର୍ ମାମଲାରେ ବିସିସିଆଇ ହସ୍ତକ୍ଷେପ କରିବନି



'ଦ ହଣ୍ଡ୍ରେଜ୍' ନିଲାମରେ ଆଇପିଏଲ୍ ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦ ମାଲିକାନାରେ ଥିବା ସନ୍‌ରାଇଜର୍ସ ଲିଡ୍ସ ପାକିସ୍ତାନର ବିବାଦୀୟ ସ୍ପିନର୍ ଅବ୍ରାର୍ ଅହମଦକୁ କିଣିବା ନେଇ ଦେଶ ସାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅବ୍ରାର୍ ଅତୀତରେ ଭାରତୀୟ ସେନା ବାହିନୀ ସହ ସାଧାରଣ ଜନତାକୁ ବହୁବାର ତାଚ୍ଛଲ୍ୟ କରିଥିବାରୁ ତାଙ୍କୁ ଦଳରେ ନେଇ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳର ମାଲିକାଣୀ କାବ୍ୟା ମାରାନ ଓ ସନ୍ ଟିଭି ନେଟୱର୍କ ବହୁତ ବଡ଼ ଭୁଲ୍ କରିଛନ୍ତି।ଭାରତୀୟଙ୍କ ଭାବନା ଏହା ଦ୍ୱାରା ଆହତ ହୋଇଛି ବୋଲି କହି ପ୍ରଶଂସକ ସାମାଜିକ ଗଣମାଧ୍ୟରେ ନିଜ କ୍ଷୋଭ ପ୍ରକାଶ କରୁଛନ୍ତି। ଏପରିକି ଆଇପିଏଲ୍‌ର ଆଗାମୀ ଋତୁରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ବିବାଦ ବଢ଼ିବା ଦେଖି ବିସିସିଆଇ ପ୍ରଥମ ଥର ଲାଗି ଏହି ମାମଲରେ ମୁହଁ ଖୋଲିଛି। ବୋର୍ଡର ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଲା ଏଥିନେଇ କହିଛନ୍ତି ଯେ ଏହା ଆମ ସୀମାରେଖା ଅର୍ନ୍ତଭୁକ୍ତ ନୁହେଁ। ସେମାନେ ଏକ ବିଦେଶୀ ଲିଗ୍ ପାଇଁ ତାଙ୍କୁ (ଅବ୍ରାର) ନେଇଛନ୍ତି। ଏଥିରେ ଆମେ କିଛି କରିପାରିବୁ ନାହିଁ। ସୂଚନାଯୋଗ୍ୟ ଯେ ଅବ୍ରାର୍ଙ୍କୁ ସନ୍‌ରାଇଜର୍ସ ଲିଡ୍ସ ପାଖାପାଖି ୨ କୋଟି ୩୦ ଲକ୍ଷ ଟଙ୍କାରେ କିଣିଛି। ତୀବ୍ର ବିରୋଧ ଓ ପ୍ରତିକ୍ରିୟା ପରେ ଦଳ କିନ୍ତୁ ନିଜ 'ଏକ୍ସ' ଆକାଉଣ୍ଟ୍କୁ ବନ୍ଦ କରି ଦେଇଛି।

## ପ୍ରଶାନ୍ତଙ୍କ ସହ ଥରେ



ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ୨୦ରୁ ଊର୍ଦ୍ଧ୍ୱ ମନଛୁଆଁ ଚଳଚ୍ଚିତ୍ର ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଆଉ ତାଙ୍କର ନିର୍ଦ୍ଦେଶିତ ଅଧିକାଂଶ ଚଳଚ୍ଚିତ୍ରର ଗୀତ ବି ବେଶ୍ ଲୋକପ୍ରିୟ ହୋଇଛି। ପରବର୍ତ୍ତୀ ସମୟରେ ସଂଗୀତ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଥିବା ପ୍ରଶାନ୍ତ ପ୍ରଫୁଲ୍ଲ କର, ସ୍ୱରୂପ ନାୟକ ଓ ଶାନ୍ତନୁ ମହାପାତ୍ରଙ୍କୁ ଛାଡ଼ିଦେଲେ ଅନ୍ୟ କେଉଁ ସଂଗୀତ ନିର୍ଦ୍ଦେଶକଙ୍କ ସହ ଗୋଟିଏରୁ ଅଧିକ ଚଳଚ୍ଚିତ୍ରରେ କାର୍ଯ୍ୟ କରିନାହାନ୍ତି।ପ୍ରଶାନ୍ତଙ୍କ ସହ ମାତ୍ର ଥରେ ଯୋଡ଼ି ହୋଇଥିବା ଓଲିଉଡ୍ର ସଫଳ ସ୍ୱରକାରଙ୍କୁ ନେଇ ବିଶେଷ ଉପସ୍ଥାପନା।ଶିବଶଙ୍କର ଓଝାଅକ୍ଷୟ ମହାନ୍ତି: ଅକ୍ଷୟ ସଂଗୀତ ଜଗତର ବାଦଶାହା, ପ୍ରଶାନ୍ତ ଜଣେ ସୋ' ମ୍ୟାନ୍। ହେଲେ ଏ ଦୁଇ ପ୍ରଚଣ୍ଡ ପ୍ରତିଭା ସଂପନ୍ନ କଳାକାର ମାତ୍ର ଗୋଟିଏ ସିନେମାରେ ନିର୍ଦ୍ଦେଶକ-ସ୍ୱରକାର ବନିଛନ୍ତି। ଯଦିଓ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ମା ଓ ମମତା' ଓ 'ପୂଜା'ରେ ଅକ୍ଷୟ ମହାନ୍ତି କଣ୍ଠଦାନ କରିଥିଲେ, କିନ୍ତୁ ତାଙ୍କ ନିର୍ଦ୍ଦେଶିତ 'ସ୍ୱପ୍ନସାଗର' (୧୯୯୩) ଥିଲା ସ୍ୱରକାର ଭାବେ ଅକ୍ଷୟଙ୍କ ଏକମାତ୍ର ସିନେମା। କହିବା ବାହୁଲ୍ୟ ଯେ 'ସ୍ୱପ୍ନସାଗର'ର ବାଟୋଇ ଭାଇ..., ପାଣିରେ ପାଣିରେ ପାଣି..., ଶିକାରୀ ଶିକାରୀ ତୁ..., ସେଇ ଦୀପ ଅଛି ସେହି ଫୁଲ ଅଛି..., ଚିଠି ମୋର ଟିକି ଚଢ଼େଇ... ସୁପରହିଟ୍ ହୋଇଥିଲା ଏବଂ ଆଜି ବି ଏହା ଶ୍ରୋତାମହଲରେ ବେଶ୍ ଲୋକପ୍ରିୟ।ଭୁବନ-ହରି: ପ୍ରଖ୍ୟାତ ସଂଗୀତଜ୍ଞ ଭୁବନେଶ୍ୱର ମିଶ୍ର ଓ ହରି ପ୍ରସାଦ ଚୌରାସିଆଙ୍କ ଯୋଡ଼ି ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ କେବଳ ଗୋଟିଏ ଛବିରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ୧୯୮୦ରେ ମୁକ୍ତିପ୍ରାପ୍ତ 'ଭୁବନ-ହରି'ଙ୍କ ସ୍ୱରରୋପିତ 'ମା ଓ ମମତା' ଥିଲା ମ୍ୟୁଜିକାଲ୍ ହିଟ୍। ଏଥିରେ ସ୍ଥାନୀତ କିଛି ଲୁହ ପୋଛାହୁଏ..., ମମତାର ଫୁଲ..., ତୁମ୍ଭି ସେତ ପାଣିରେ..., କିଏ ସାତ କିଏ ସତର..., ଦିନରେ ବସନ୍ତ ଆମେ... ଆଦି ଗୀତ ଖୁବ୍ ଲୋକପ୍ରିୟ ହୋଇଥିଲା।ବାସୁଦେବ ରଥ: ହାତଗଣତି ଓଡ଼ିଆ ଛବିରେ ସଂଗୀତ ନିର୍ଦ୍ଦେଶନା ଦେଇ ବି ବହୁ ହିଟ୍ ଗୀତ ଉପହାର ଦେଇଥିବା ବାସୁଦେବ ରଥଙ୍କ କ୍ଷେତ୍ରରେ ବି ସମାନ କଥା ଘଟିଥିଲା। ସେ ପ୍ରଶାନ୍ତଙ୍କ ନିର୍ଦ୍ଦେଶିତ 'ପକା କମ୍ବଳ ପୋତ ଛତା'ରେ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଥିବା 'ସତ କହି ପାଏ ପଛେ ଫାଶୀ...' ଗୀତରେ କଣ୍ଠଦାନ କରି ପ୍ରଶାନ୍ତ ପ୍ରଥମ ଥର ଲାଗି ପ୍ରଚ୍ଛଦପଟ୍ଟ ଗାୟକର ମାନ୍ୟତା ପାଇଥିଲେ।କାହାଣୀ ଅନୁସାରେ ସଂଗୀତ ନିର୍ଦ୍ଦେଶକ ଚୟନ କରିଥାଏ'ସିନେମାର କାହାଣୀକୁ ଦେଖି ମୁଁ ସ୍ଥିର କରିଥାଏ କିଏ ସଂଗୀତ ନିର୍ଦ୍ଦେଶକ ହେବ। ସେହି ଅନୁସାରେ ମୁଁ ଭିନ୍ନ ଭିନ୍ନ ସିନେମାରେ ଭିନ୍ନ ଭିନ୍ନ ସଂଗୀତ ନିର୍ଦ୍ଦେଶକଙ୍କ ସହ କାମ କରିଛି। 'ସ୍ୱପ୍ନସାଗର' ସଂପୂର୍ଣ୍ଣ ଭିନ୍ନ ଧରଣର ପ୍ରେମ କାହାଣୀ ଥିଲା। ଏଥିପାଇଁ ଖୋକାଭାଇ (ଅକ୍ଷୟ ମହାନ୍ତି)ଙ୍କୁ ନେଇଥିଲି। ମାତ୍ର ତା'ପର ଛବି 'ଡୋରା'ର କାହାଣୀ ଆଦିବାସୀ ଅଞ୍ଚଳର ହୋଇଥିବା ହେତୁ ମୁଁ ଶାନ୍ତନୁ ମହାପାତ୍ରଙ୍କୁ ସଙ୍ଗୀତ ଦାୟିତ୍ୱ ଦେଇଥିଲି। ପୁଣି ସେ ପରେ 'ଜଗାବଳିଆ' ଓ 'ଗୋଲାମଗିରି'ରେ ସ୍ୱର ସଂଯୋଜନା ଦାୟିତ୍ୱ ନେଇଥିଲେ। ଯେଉଁ ସଂଗୀତକାରଙ୍କ ସହ କାମ କରିଛି, ସେମାନଙ୍କ ଠାରୁ ଭଲ କାମ ପାଇଛି।ଆର୍. ଡି. ବର୍ମନ୍: ବଲିଉଡ୍ର ଖ୍ୟାତନାମା ସଂଗୀତ ନିର୍ଦ୍ଦେଶକ ଆର୍. ଡି. ବର୍ମନ୍ ବି ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଦ୍ୱିଭାଷୀ ଛବି 'ମା'(୧୯୯୨)ର ସ୍ୱର ସଂଯୋଜନା କରିଥିଲେ। ଏହି ସିନେମାର ସବୁ ଧର୍ମର ସବୁ କର୍ମର... ଗୀତ ବେଶ୍ ଚର୍ଚ୍ଚା ସାଉଁଟିଥିଲା। ଏହା ପରେ ପ୍ରଶାନ୍ତ-ଆର୍. ଡି. ବର୍ମନ୍ କେବେ ବି ଏକାଠି ହୋଇ ନ ଥିଲେ।

Editor: Sunil Chandra Nayak Printed and Published by Sunil Chandra Nayak, Malhar Publications PLOT -D1/1, MANCHESWAR INDUSTRIAL ESTATE, BHUBANESWAR, KHORDHA,ODISHA -751010. Published from Plot No.19, 2nd Floor,Bhoinagar Basti, Acharya Vihar Square, Bhubaneswar- 751022, Odisha
Editor-Sunil Chandra Nayak
ସମ୍ପାଦକ-ସୁନୀଲ ଚନ୍ଦ୍ର ନାୟକ